

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୪ ଡିସେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 24 DECEMBER 2022

Vol.No. 33 ■ No. 335 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ସିକିମ୍‌ରେ ୧୦୦ ଫୁଟ ତଳକୁ ଖସିଲା ସେନା ଗାଡ଼ି : ୧୬ ମୃତ, ୪ ଗୁରୁତର

ନୂଆଦିଲ୍ଲୀ, ୨୩/୧୨ : ସ୍ଥାନ- ଉତ୍ତର ସିକ୍କିମ, ତାରିଖ- ୨୩ ଡିସେମ୍ବର, ଶୁକ୍ରବାର, ସମୟ- ସକାଳ ୮ଟା । ସିକ୍କିମର ଚାଟେନରୁ ଏକ ସଙ୍ଗେ ବାହାରିଥିଲା ୩ଟି ଯବାନ ଗାଡି । ଥାଙ୍କୁ ଆଡ଼କୁ ଆର୍ମି ଟ୍ରକ୍ ଆଗକୁ ବଢୁଥିଲା । ହେଲେ ଜେମା ପାସ୍ ନିକଟରେ ସବୁ କିଛି ଓଲଟପାଲଟ ହୋଇଗଲା । ଗୋଟିଏ ଯବାନ ଗାଡ଼ି ଦୁର୍ଘଟଣାର ଶୀକାର ହେଲା, ରାସ୍ତାରୁ ତଳକୁ ଖସିପଡ଼ିଲା । ଏହି ଦୁର୍ଘଟଣା ଏତେ ଭୟାନକ ଥିଲା ଯେ, ଗାଡ଼ିଟି ଭାଙ୍ଗିରୁଜି ଚୁରମାର ହୋଇଗଲା, ଆଉ ସହିଦ ହୋଇଗଲେ ୧୬ ଜଣ ଯବାନ । ଏମାନଙ୍କ ମଧ୍ୟରେ ୩ ଜଣ ଜୁନିୟର କମିଶନଡ୍ ଅଫିସର ବି ଥିଲେ । ଦୁର୍ଘଟଣା ଘଟିଥିବା ଜାଗା ଅତି ଦୁର୍ଗମ ଅଂଚଳ । ତେବେ ଦୁର୍ଘଟଣା ପରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଆହତ ହୋଇଥିବା ୪ ଜଣ ଯବାନଙ୍କୁ ତୁରନ୍ତ ହେଲିକପ୍ଟର ଯୋଗେ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସେଠାରେ ଆହତ ୪ ଯବାନଙ୍କ ଚିକିତ୍ସା ଚାଲିଛି । ଦୁର୍ଘଟଣା ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି । ସୀମାରେ ଏବେ ଚୀନ୍ ଗୋଟିଏ ପରେ ଗୋଟିଏ ଷଡ଼ଯନ୍ତ୍ର ରଚୁଛି । ଏହାକୁ ପ୍ରତିହତ କରିବା ପାଇଁ ଭାରତ ପକ୍ଷରୁ ବ୍ୟାପକ ସେନା ମୁତୟନ କରାଯାଇଛି ।

ଉଠା ଦୋକାନୀଙ୍କ ଆନ୍ଦୋଳନ ପରେ ଉଚ୍ଛେଦ ନିଷ୍ପତ୍ତି ସ୍ଥଗିତ

ଭୁବନେଶ୍ୱର, ୨୩/୧୨ (ନି.ପ୍ର): ଉଠା ଦୋକାନୀଙ୍କ ଆନ୍ଦୋଳନ ପରେ ଉଚ୍ଛେଦ ନିଷ୍ପତି ବଦଳାଇଛି ବିଏମ୍‌ସି। ଆସନ୍ତାକାଲିଠୁ ଉଚ୍ଛେଦ ହେବ ନାହିଁ ବୋଲି ବିଏମ୍ ସିର ନର୍ଥ ଜୋନ୍ ଆସିଷ୍ଟାଂଟ କମିଶନର ସୁରେଶ ଚନ୍ଦ୍ର ଲେଙ୍କା ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆସନ୍ତାକାଲିଠୁ ଉତର ଜୋନରେ କିଛି ଦିନ ପାଇଁ ଦୋକାନ ଉଚ୍ଛେଦ ସ୍ଥଗିତ ରହିବ। ଉଚ୍ଛେଦ ପୂର୍ବରୁ ସଂଘ ସହ ଆଲୋଚନା ହେବ। ପରବର୍ତୀ ପର୍ଯ୍ୟାୟରେ ଉଠାଦୋକାନୀଙ୍କର ଥଇଥାନ ନେଇ ନିଷ୍ପତି ହେବ। ଏନେଇ ବି ଏମ୍ ସି କମିଶନର ଓ ଡେପୁଟି କମିଶନର ବିଚାର ବିମର୍ଶ କରିବେ। ଅନ୍ୟପଟେ ବିଏମସିର ପ୍ରତିଶ୍ରୁତି ପରେ ନିଖିଳ ଓଡ଼ିଶା ରାସ୍ତା ପାର୍ଶ୍ୱ ଉଠା ଦୋକାନୀ ମହାସଂଘ ଆନ୍ଦୋଳନକୁ ସ୍ଥଗିତ ରଖିଛି। ସୂଚନାଯୋଗ୍ୟ ଯେ ହକି ବିଶ୍ୱକପ୍ ପାଇଁ ଭୁବନେଶ୍ୱରରେ ସୌନ୍ଦର୍ଯ୍ୟକରଣ ଲାଗି ରାଜଧାନୀ ରାସ୍ତାକଡ଼ରୁ ଉଠା ଦୋକାନୀ ମାନଙ୍କୁ ଉଚ୍ଛେଦ କରାଯାଉଛି। ବିନା ଥଇଥାନ ଓ କ୍ଷତିପୂରଣରେ ବିଏମ୍‌ସି ଉଚ୍ଛେଦ କରୁଥିବାରୁ ଉଠା ଦୋକାନୀମାନେ ଏହାକୁ ବିରୋଧ କରି ଶୁକ୍ରବାର ବିଏମ୍‌ସିର ନର୍ଥ ଜୋନ୍ ଅଫିସକୁ ଘେରାଉ କରିଥିଲେ। ଏପରିକି ଉଠାଦୋକନୀମାନେ ବିଏମସି ଅଫିସ ଭିତରକୁ ପଶିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ପୋଲିସ ସେମାନଙ୍କ ଅଟକାଇଥିଲା। ପୁଲିସ ଓ ଉଠା ଦୋକାନୀ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପରେ ଉଠାଦୋକାଦୀ ସଂଘର କର୍ମକର୍ତାଙ୍କୁ ବିଏମ୍‌ସିର ନର୍ଥ ଜୋନ୍ ଆସିଷ୍ଟାଂଟ କମିଶନରଙ୍କ ସହ ଆଲୋଚନା ହୋଇଥିଲା। ଆଲୋଚନା ପରେ ୭ ଦିନ ମଧ୍ୟରେ ଏନେଇ ବିଚାର ନ କଲେ ଆନ୍ଦୋଳନ ବ୍ୟାପକ ହେବ ବୋଲି ସଂଘ ଚେତାବନୀ ଦେଇଛି।

୩ ଦିନିଆ ଇଡି ରିମାଣ୍ଡରେ ଜଗବନ୍ଧୁ ଚାନ୍ଦ

ଭୁବନେଶ୍ୱର, ୨୩/୧୨ (ନି.ପ୍ର): ବହୁଚର୍ଚିତ ହନି ଟ୍ରାପ ଓ ବ୍ଲାକ ମେଲିଂ ମାମଲା ସହ ଜଡିତ ଲେଡି ବ୍ଲାକମେଲର ଅର୍ଚ୍ଚନା ନାଗଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କୁ ଇଡି ଗିରଫ କରିଛି। ଏହାସହ ଜଗବନ୍ଧୁ ଚାନ୍ଦଙ୍କୁ ପ୍ରବର୍ତନ ନିର୍ଦ୍ଦେଶାଳୟ ୩ ଦିନିଆ ରିମାଣ୍ଡରେ ନେଇଛି। ସୂଚନା ଅନୁସାରେ ରିମାଣ୍ଡ ପାଇଁ ଇଡି ୫ ଦିନର ଆବେଦନ କରିଥିଲା। କିନ୍ତୁ କୋର୍ଟ ୩ ଦିନ ରିମାଣ୍ଡ ଅନୁମତି ଦେଇଛନ୍ତି। ରିମାଣ୍ଡ ଅବଧି ଶେଷ ହେଲା ପରେ ଜଗବନ୍ଧୁଙ୍କୁ ଇଡି ଡିସେମ୍ବର ୨୬ ତାରିଖରେ କୋର୍ଟରେ ହାଜର କରିବ। ସୂଚନାଯୋଗ୍ୟ, ଜଗବନ୍ଧୁଙ୍କୁ ଇଡି ପ୍ରଥମ ପର୍ଯ୍ୟାୟରେ ୯ ଦିନ ପାଇଁ ରିମାଣ୍ଡରେ ନେଇଥିଲା। ଦ୍ୱିତୀୟ ପର୍ଯ୍ୟାୟ ରିମାଣ୍ଡରେ ଇଲେକ୍ଟ୍ରୋନିକ ଗ୍ୟାଜେଟ ସମ୍ପର୍କରେ ପଚରାଉଚରା କରାଯିବ। ଏହା ସହିତ ଆଗାମୀ ୨ ତାରିଖ ପର୍ଯ୍ୟନ୍ତ ଅର୍ଚ୍ଚନା ଏବଂ ଖଗେଶ୍ୱରଙ୍କ ବିଚାର ବିଭାଗୀୟ ହାଜତ ସମୟ ସୀମା ବଢ଼ିଛି ।

ଶେଷ ହେଲା ସଂସଦର ଶୀତ ଅଧିବେଶନ

ନୂଆଦିଲ୍ଲୀ, ୨୩/୧୨ : ସଂସଦର ଶୀତ ଅଧିବେଶନ ସମୟ ପୂର୍ବରୁ ଶେଷ ହୋଇଛି । ଲୋକସଭା ଏବଂ ରାଜ୍ୟସଭାକୁ ଅନିଶ୍ଚିତକାଳ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି । ଲୋକସଭାରେ ଚଳିତ ଅଧିବେଶନରେ ୧୩ଟି ବୈଠକ ଅନୁଷ୍ଠିତ ହୋଇଛି । ପୂରା ଅଧିବେଶନ ୬୮ ଘଣ୍ଟା ୪୨ ମିନିଟ ଚାଲିଥିଲା । ସେହିଭଳି ୯ଟି ସରକାରୀ ବିଧେୟକ ଉପସ୍ଥାପନ କରାଯାଇଥିବା ବେଳେ ୭ ଟି ବିଧେୟକ ପାରିତ ହୋଇଥିଲା । ସାଂସଦମାନେ ୩୭୪ଟି ପ୍ରସଙ୍ଗ ଉଠାଇଥିବା ବେଳେ ଡିସେମ୍ବର ୨୦ ଏବଂ ୨୧ରେ ସଦନରେ ଦେଶରେ ମାଦକ ଦ୍ରବ୍ୟର ବଢୁଥିବା ଉପଯୋଗ ନେଇ ନିୟମ ୧୯୩ରେ ଚର୍ଚ୍ଚା ହୋଇଥିଲା । ଏଥିରେ ୫୧ ସଦସ୍ୟ ଭାଗ ନେଇ ସେମାନଙ୍କ ମତାମତ ରଖିଥିଲେ । ଶେଷରେ କେନ୍ଦ୍ର ଗୃହମନ୍ତ୍ରୀ ଏନେଇ ଉତ୍ତର ରଖିଥିଲେ ।

ଆସନ୍ତା ୨୮ରେ ଦିନିକିଆ ଓଡିଶା ଗସ୍ତରେ ଆସିବେ ଜେ.ପି.ନଡ୍ଡା

ଭୁବନେଶ୍ୱର, ୨୩/୧୨ (ନି.ପ୍ର): ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା ଆସନ୍ତା ୨୮ ତାରିଖରେ ଦିନିକିଆ ଓଡିଶା ଗସ୍ତରେ ଆସୁଛନ୍ତି । ଗସ୍ତ ଅବସରରେ ଶ୍ରୀ ନଡ୍ଡା କନ୍ଧମାଳ ଓ ପୁରୀ ଲୋକସଭା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ରାଜ୍ୟ ସାଧାରଣ ସଂପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି। ପାର୍ଟିର ସଂଗଠନକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଶ୍ରୀ ନଡ୍ଡା କାର୍ଯ୍ୟକର୍ତାଙ୍କ ସହ ଆଲୋଚନା କରିବେ । ଏଥି ସହ ଗତ ୮ବର୍ଷ ଶାସନରେ ମୋଦୀ ସରକାର ଓଡ଼ିଶା ଏବଂ ଓଡିଶାବାସୀଙ୍କ କଲ୍ୟାଣ ପାଇଁ ଲାଗୁ କରିଥିବା ବିଭିନ୍ନ ଜନକଲ୍ୟାଣ ଯୋଜନା ଓ ବିକାଶମୁଳକ କାର୍ଯ୍ୟ ସଂପର୍କରେ ଆଲୋଚନା କରିବା ସହିତ ତୃଣମୂଳ ସ୍ତରରେ ଏହାର କାର୍ଯ୍ୟକାରିତାକୁ ପହଂଚାଇବାର ଆଲୋଚନା କରିବେ ବୋଲି ଡ.ଲେଖାଶ୍ରୀ ସୁଚନା ଦେଇଛନ୍ତି ।

ମନ୍ତ୍ରୀଙ୍କ ବାସଭବନ ଘେରିଲେ ମାଧ୍ୟମିକ ଶିକ୍ଷକ ସଂଘ କର୍ମକର୍ତା

ଭୁବନେଶ୍ୱର, ୨୩/୧୨ (ନି.ପ୍ର): ମାଧ୍ୟମିକ ଶିକ୍ଷକ ସଂଘ କର୍ମକର୍ତାମାନେ ବିଭିନ୍ନ ଦାବି ନେଇ ଆଜି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀରରଂଜନ ଦାଶ ଓ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଭୁବନେଶ୍ୱର ବାସଭବନ ଘେରିଛନ୍ତି। ପ୍ଲାକାର୍ଡ ଧରି ଶିକ୍ଷକମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଏହି ଅବସରରେ ଆନ୍ଦୋଳନ କରୁଥିବା ଶିକ୍ଷକ ସଂଘର କର୍ମକର୍ତା ମାନେ କହିଛନ୍ତି ସେମାନଙ୍କ ଦାବି ପୂରଣ ନେଇ ଲିଖିତ ପ୍ରତିଶ୍ରୁତି ମିଳିନାହିଁ, ସେପର୍ଯ୍ୟନ୍ତ ଏହି ଘେରାଉ ଜାରି ରହିବ। ସେମାନେ ନୂତନ ପେନସନ ଯୋଜନା ଭୁକ୍ତ କରାଯିବା ସହ ଏଥିସହ ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତ ହୋଇଥିବା ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ୬ ବର୍ଷ ଚୁକ୍ତି ଅବଧିକୁ ମୂଳ ଚାକିରି ସହ ଯୋଡିବା ତଥା ୬ଟି ନ୍ୟାସନାଲ ଇନକ୍ରିମେଂଟ ଦିଆଯାଉ ବୋଲି ଦାବି କରିଛନ୍ତି।

ବୁଷ୍ଟର ଡୋଜ ଯୋଗାଇବାକୁ କେନ୍ଦ୍ରକୁ ଚିଠି ଲେଖିବ ସ୍ୱାସ୍ଥ୍ୟ ବିଭାଗ

ଭୁବନେଶ୍ୱର, ୨୩/୧୨ (ନି.ପ୍ର): ରାଜ୍ୟକୁ ଡୋଜ ଯୋଗାଇବାକୁ କେନ୍ଦ୍ର ସରକାରଙ୍କୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପତ୍ର ଲେଖାଯିବ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ତୁରନ୍ତ ଟିକା ଯୋଗାଇବାକୁ କରାଯିବ ଅନୁରୋଧ କରାଯିବ। ରାଜ୍ୟରେ ସରକାରୀ ଟୀକାକରଣ ୨୮ ନଭେମ୍ବରରୁ ବନ୍ଦ ରହିଛି । ସେ କହିଛନ୍ତି ଯେ ବୁଷ୍ଟର ଡୋଜ ନୂଆ ଭେରିଆଣ୍ଟକୁ ପ୍ରତିହତ କରିପାରିବ । ସେ କହିଛନ୍ତି ଯେ ରାଜ୍ୟର ୫୯ ପ୍ରତିଶତ ଲୋକ ପ୍ରିକସନ ଡୋଜ ନେଇନାହାନ୍ତି ଏବଂ ୪୧ ପ୍ରତିଶତ ଲୋକ ପ୍ରିକସନ ଡୋଜ ନେଇଛନ୍ତି । ସେ କହିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ଟିକକରଣ କ୍ଷେତ୍ରରେ ୮ କୋଟି ୧୪ ଲକ୍ଷ ଟୀକା ଦିଆ ସରିଛି । ସେ କହିଛନ୍ତି ଯେ ସଂକ୍ରମଣକୁ ପ୍ରତିହତ ପାଇଁ ସରକାର ପ୍ରସ୍ତୁତ । ରାଜ୍ୟରେ ୧୨ ଟି ପ୍ରାଇଭେଟ ହସ୍ପିଟାଲରେ ଟୀକାକରଣ ଚାଲିଛି ।

ଦିଲ୍ଲୀ ଏମସିଡିର ପାଇଁ ମେୟର ପ୍ରାର୍ଥୀ ଘୋଷଣା କଲା ଆମ୍ ଆଦମୀ ପାର୍ଟି

ନୂଆଦିଲ୍ଲୀ, ୨୩/୧୨ : ଦିଲ୍ଲୀ ଏମସିଡିର ମେୟର ପଦପାଇଁ ଜାନୁଆରୀ ୬ ତାରିଖରେ ନିର୍ବାଚନ ହେବାକୁ ଯାଉଛି । ଏହି କ୍ରମରେ ଆମ୍ ଆଦମୀ ପାର୍ଟି ତରଫରୁ ଆଜି ମେୟର ଓ ଡେପୁଟି ମେୟର ପଦ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି । ସୂଚନା ମୁତାବକ ଆପ୍, ତରଫରୁ ମେୟର ପ୍ରାର୍ଥୀ ଭାବେ ଶୈଲୀ ଓବରାଇଙ୍କ ନାମ ଘୋଷଣା କରାଯାଇଥିବା ବେଳେ ମାଟିଆ ମହଲର ବିଧାୟକ ସୋଏବ ଇକବାଲଙ୍କ ପୁଅ ଆଲେ ମହମ୍ମଦ ଇକବାଲ ଡେପୁଟି ମେୟର ପଦ ପାଇଁ ପ୍ରାର୍ଥୀ ହେବେ । ଦିଲ୍ଲୀ ଏମସିଡିର ▶▶ପୃଷ୍ଠା ୭

କୋଭିଡ୍ ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ପରାମର୍ଶ : ମାସ୍କ ପିନ୍ଧ, ହାତ ଧୁଅ

ଭୁବନେଶ୍ୱର, ୨୩/୧୨ (ନି.ପ୍ର): ବିଭିନ୍ନ ଦେଶରେ କରୋନା ଓମିକ୍ରନ୍ ର ନୂଆ ଭାରିଆଂଟ ବ୍ୟାପୁଥିବା ବେଳେ ରାଜ୍ୟ ସରକାର ଶୁକ୍ରବାର ଜନସାଧାରଣଙ୍କ ପାଇଁ ଗାଇଡ୍ ଲାଇନ୍ ଜାରି କରିଛନ୍ତି। ରାଜ୍ୟ ସରକାର ଜନସାଧାରଣଙ୍କୁ ମାସ୍କ ପିନ୍ଧିବା, ହାତ ଧୋଇବା, ଲକ୍ଷଣ ଦେଖାଗଲେ ଗୃହରେ ଅନ୍ୟମାନଙ୍କ ଠାରୁ ଅଲଗା ରହିବା ଏବଂ ସର୍ବସାଧାରଣସ୍ଥଳରେ ଛେପ ନ ପକାଇବା ପାଇଁ ପରାମର୍ଶ ଦେଇଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ସଚିବ ଶାଳିନୀ ପଣ୍ଡିତଙ୍କ ଅଧ୍ୟକ୍ଷତାରେ ଆଜି ଲୋକସେବା ଭବନରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସମୀକ୍ଷା ବୈଠକରେ ସର୍ଭେଲାନ୍ସ ଓ ଟେଷ୍ଟିଂ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ବିମାନ ବନ୍ଦର ଓ ସମୁଦ୍ର ବନ୍ଦରଗୁଡ଼ିକରେ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବା ପାଇଁ ନିଷ୍ପତି ନିଆଯାଇଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ବିଭିନ୍ନ ସମୟରେ ଜାରି କରାଯାଇଥିବା ମାର୍ଗଦର୍ଶିକା ଲାଗୁ କରାଯିବ। ରାଜ୍ୟରେ ଜିନୋମ୍ ସିକ୍ୟୁଏନ୍‌ସିଂକୁ ବୃଦ୍ଧି କରିବା ପାଇଁ ନିଷ୍ପତି ନିଆଯାଇଛି। ବର୍ତମାନ ଭୁବନେଶ୍ୱରର ଆଇଏଲ୍‌ଏସ୍ ଓ ଆରଏମ୍‌ଆରସିଠାରେ ଏହି ସୁବିଧା ଥିବାବେଳେ ଖୁବ୍ ଶୀଘ୍ର ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଏହି ସୁବିଧା ମିଳିପାରିବ। କୋଭିଡ୍ ମୁକାବିଲା ପାଇଁ ପ୍ରଥମ ପର୍ଯ୍ୟାୟରେ ଏସ୍‌ସିବି ▶▶ପୃଷ୍ଠା ୭

ଯୋଗେଶଚନ୍ଦ୍ର ଦାସ ପାଇବେ ଅଟଳ କବିତା ସମ୍ମାନ, ପରମେଶ୍ୱର ଦାଶ ପାଇବେ ଅଟଳ ସମାଜସେବୀ ସମ୍ମାନ

ଭୁବନେଶ୍ୱର, ୨୩/୧୨ (ନି.ପ୍ର): ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୯୮ ତମ ଜନ୍ମ ଦିବସ ପାଳନ ଅବସରରେ ରାଜ୍ୟ ବିଜେପି କାର୍ଯ୍ୟାଳୟ ପରିସରରେ ୭ମ "ଅଟଳ ସମ୍ମାନ - ୨୦୨୨" କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସାଂସ୍କୃତିକ ପ୍ରକୋଷ୍ଠର ଅଧ୍ୟକ୍ଷ ଗୀତିକାର ପଂଚାନନ ନାୟକ ସୂଚନା ଦେଇଛନ୍ତି । ସମାଜସେବୀ ସଂଗଠକ, ପୂର୍ବତନ ବିଧାୟକ ଏବଂ ବନବାସୀ ଜନନେତା ପୁରୁଷୋତମ ନାଏକଙ୍କୁ "ଅଟଳ ସମ୍ମାନ -୨୦୨୨" ସମ୍ମାନରେ ସମ୍ମାନୀତ କରାଯିବ । ଗୀତିକବି, ରାଷ୍ଟ୍ରବାଦୀ କବି, ବ୍ୟଙ୍ଗ ଲେଖକ ତଥା କାର୍ଟୁନିଷ୍ଟ ଯୋଗେଶଚନ୍ଦ୍ର ଦାସଙ୍କୁ "ଅଟଳ କବିତା ସମ୍ମାନ - ୨୦୨୨" ରେ ପ୍ରଦାନ କରାଯିବା ସହ ବରିଷ୍ଠ ସମାଜସେବୀ, ସଂଗଠକ, ସମବାୟବିତ୍ ଏବଂ ଦୁଃଖୀ ଜନତାର ବନ୍ଧ ପରମେଶ୍ୱର ଦାଶ (ବୁଲନ ଭାଇ)ଙ୍କୁ ମଧ୍ୟ "ଅଟଳ ସମାଜସେବୀ ସମ୍ମାନ-୨୦୨୨"ରେ ସମ୍ମାନୀତ କରାଯିବ। ଏହି କାର୍ଯ୍ୟକ୍ରମରେ ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତୃବୃନ୍ଦ ଯୋଗଦେବେ ବୋଲି ଶ୍ରୀ ନାୟକ ସୂଚନା ଦେଇଛନ୍ତି । ଏହି ଅବସରରେ ଓଡ଼ିଶା ଚଳଚ୍ଚିତ୍ର ଜଗତର ଚର୍ଚ୍ଚିତ ଚେହେରା ଅଶ୍ରୁମୋଚନ ମହାନ୍ତି, ସାଂସ୍କୃତିକ ପ୍ରକୋଷ୍ଠର ସହସଂଯୋଜକ ଅର୍ଚ୍ଚନା ପଲାଇ, ସଞ୍ଜିବ୍ ମିଶ୍ର ଉପସ୍ଥିତ ଥିଲେ ।

ଗାଧୋଉଥିବା ବେଳେ ପୋଖରୀରେ ବୁଡ଼ି ତିନି ଶିଶୁ ମୃତ

ଭୁବନେଶ୍ୱର, ୨୩/୧୨ (ନି.ପ୍ର): କାନ୍ଦବୋବାଳିରେ ଫାଟି ପଡୁଛି ପୁରା ହସ୍ପିଟାଲ । କିଏ ବାହୁନି ବାହୁନି କାନ୍ଦୁଛି, ତ' ଆଉ କିଏ ମୁଣ୍ଡରେ ହାତ ଦେଇ ଭାଗ୍ୟକୁ ନିନ୍ଦୁଛି । କେଉଁ ମା' ହେଲେ ଧୈର୍ଯ୍ୟ ଧରିଥାନ୍ତେ । ପୁଅର ମୃତ୍ୟୁ ଖବର ଶୁଣିବା ପରେ ଯେମିତି ପାଦ ତଳୁ ମାଟି ଖସିଯାଇଛି । ପୋଖରୀରେ ବୁଡ଼ି ଯାଇ ଅକାଳରେ ଚାଲିଯାଇଛି ୩ ନାବାଳକଙ୍କ ଜୀବନ । କେନ୍ଦ୍ରାପଡ଼ା ଜିଲ୍ଲା ବଗପାଟିଆ ଗାଁରୁ ଏହି ଖବର ସମସ୍ତଙ୍କୁ ସ୍ତବ୍ଧ କରି ଦେଇଛି । ବିଶାଳ ରାଉତ, ସନ୍ଦୀପ ସାହୁ ଏବଂ ବିସେନ ପରିଡ଼ା । ଗାଁର ତିନି ଜଣ ସାଙ୍ଗ ଗାଁ ଜଙ୍ଗଲରେ ଥିବା ଏକ ପୋଖରୀକୁ ଗାଧେଇବାକୁ ଯାଇଥିଲେ । ପାଣି ଭିତରେ ଖେଳୁ ଖେଳୁ ଜଣେ ପରେ ଜଣେ ଅଚାନକ୍ ବୁଡ଼ି ଗଲେ । ଗାଁ ଲୋକ ଦେଖିଲା ବେଳକୁ ୩ଜଣ ସାଙ୍ଗ ପାଣିରେ ଭାସୁଥିଲେ । ତୁରନ୍ତ ତାଙ୍କୁ ରାଜନଗର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ହେଲେ ହସ୍ପିଟାଲରେ ପହଂଚିଲା ବେଳକୁ ଆଉ କିଛି ନଥିଲା । ସଂଯୋଗ ଦେଖନ୍ତୁ, ୩ ଜଣ ପିଲା ନିଜ ଘରର ଗୋଟିଏ ଲେଖାଏଁ ସନ୍ତାନ । ଏହି ଅଘଟଣ, ୩ଟି ପରିବାରର ହସଖୁସିକୁ ଛଡ଼ାଇ ନେଇଛି । ରାଜନଗର ବଗପାଟିଆ ଗାଁରେ ଘଟିଥିବା ଏହି ଘଟଣା, ସାରା ଅଂଚଳକୁ ସ୍ତବ୍ଧ କରିଦେଇଛି ।

ପୁରୁଷ ହକି ବିଶ୍ୱକପ୍ ପାଇଁ ଘୋଷଣା ହେଲା ଭାରତୀୟ ଦଳ

ଓଡିଆ ପୁଅ ଅମିତ ରୋହିଦାସଙ୍କୁ ଉପ-ଅଧିନାୟକ ଦାୟିତ୍ୱ

ଭୁବନେଶ୍ୱର, ୨୩/୧୨ (ନି.ପ୍ର): ପୁରୁଷ ହକି ବିଶ୍ୱକପ୍ ପାଇଁ ଘୋଷଣା ହେଲା ଭାରତୀୟ ଦଳ । ହରମନପ୍ରୀତ ସିଂହଙ୍କ ନେତୃତ୍ୱରେ ବିଶ୍ୱକପ୍ ପାଇଁ ୧୮ ଜଣିଆ ଦଳ ଘୋଷଣା କରିଛି ହକି ଇଣ୍ଡିଆ । ତେବେ ହରମନପ୍ରୀତଙ୍କୁ ଦଳର ଅଧିନାୟକ ନିଯୁକ୍ତ କରାଯାଇଥିବାବେଳେ, ଓଡିଆ ଖେଳାଳି ଅମିତ ରୋହିଦାସ ଦଳର ଉପ-ଅଧିନାୟକ ନିଯୁକ୍ତ ହୋଇଛନ୍ତି । ଶୁକ୍ରବରା ହକି ଇଣ୍ଡିଆ ତରଫରୁ ଏହି ୧୮ ଜଣିଆ ଦଳ ଘୋଷଣା ହୋଇଛି । ଏହି ଦଳ ଭୁବନେଶ୍ୱର ଓ ରାଉରକେଲାରେ ହେବାକୁ ଥିବା ଏଫଆଇଏଚ୍ ପୁରୁଷ ହକି ବିଶ୍ୱକପରେ ଭାଗ ନେବ । ତେବେ ଭାରତ ଏଥର ବିଶ୍ୱକପରେ ଗ୍ରୁପ-ଡିରେ ସ୍ଥାନ ପାଇଛି । ଭାରତ ସହ ଏହି ଗ୍ରୁପରେ ଇଂଲଣ୍ଡ, ସ୍ପେନ୍ ଏବଂ ୱେଲସ ରହିଛି । ତେବେ ଆସନ୍ତା ଜାନୁଆରୀ ୧୩ରୁ ବିଶ୍ୱକପ୍ ଅଭିଯାନ ଓଡିଶାରେ ଆରମ୍ଭ ହେବ । କ୍ରିଷନ ବାହାଦୂର ପାଠକ, ପି ଆର ଶ୍ରୀଜେଶ, ଜରମନପ୍ରୀତ ସିଂହ, ସୁରେନ୍ଦର କୁମାର, ହରମନପ୍ରୀତ ସିଂହ (ଅଧିନାୟକ), ବରୁଣ କୁମାର, ଅମିତ ରୋହିଦାସ (ଉପ-ଅଧିନାୟକ), ନିଲମ ସଞ୍ଜୀପ ଖେସ୍,

ଶିଶୁ ଓ ଗର୍ଭବତୀ ମହିଳା ସେବା ପାଇବାରୁ ବଂଚିତ

ଘଟଗାଁ, ୨୩/୧୨ (ନି.ପ୍ର): ଅଲଓଡିଶା ଅଙ୍ଗନୱାଡି ଲେଡିଜ ୱାର୍କସ ଆସୋସିଏସନ ଆହ୍ୱାନରେ ସାରାଓଡିଶା ଅଙ୍ଗନୱାଡି କର୍ମୀମାନେ ଆଠଦଫା ଦାବୀ ପୂରଣ ପାଇଁ କାର୍ଯ୍ୟ ବନ୍ଦ ଆନ୍ଦୋଳନରେ କେନ୍ଦୁଝର ଜିଲ୍ଲାର ଘଟଗାଁ ଶିଶୁବିକାଶ କାର୍ଯ୍ୟାଳୟ ଅଧୀନରେ ଥିବା୧୮୧ ଅଙ୍ଗନୱାଡି କେନ୍ଦ୍ର, ୮୦ଟି ମିନି ଅଙ୍ଗନୱାଡି କେନ୍ଦ୍ରରେ ଥିବା ହିତାଧିକାରୀ ମାନେ ପୁଷ୍ଟିକର ଖାଦ୍ୟ ସମେତ ସେବାରୁ ବଂଚିତ ହେଉଥିବା ନେଇ ସାଧାରଣରେ ଉଦବେଗ ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ,୨୦୨୨ ନଭେମ୍ବର ମାସ ୨୧ ତାରିଖ ଠାରୁ କର୍ମୀମାନେ ବିଧାନସଭା ସମ୍ମୁଖରେ ନିଜର ୮ଦଫା ଦାବୀ ଯଥା- ସରକାରୀ କର୍ମଚାରୀ ମାନ୍ୟତା ମାସିକ୧୮ ହଜାର ଟଙ୍କା, ସହୟିକାଙ୍କୁ ୯ ହଜାର ଟଙ୍କା ଦରମା ବୃଦ୍ଧି, ମିନି ଅଙ୍ଗନୱାଡି କର୍ମୀମାନଙ୍କୁ ମୁଖ୍ୟକର୍ମୀ ରୂପେ ଘୋଷଣା କରିବା, ଅବସର ପେନସନ ୫ ଲକ୍ଷ ଟଙ୍କା ପ୍ରଦାନକରିବା ଓ ମାସିକ ୫ ହଜାର ଟଙ୍କା ପେନସନ ଦେବା, ଚାକିରୀ ସମୟରେ ମୃତ୍ୟୁବରଣ କଲେ ପରିବାରର ଜଣକୁ ନିଯୁକ୍ତି, ଗାଁକଲ୍ୟାଣ ସମିତିରୁ ଆଶାଙ୍କୁ ବାଦଦେବା, ସୁପରଭାଇଜର ପଦବୀ ନିଯୁକ୍ତି ପାଇଁ ଧାରଣା ଦେଇଥିବା କାରଣରୁ ଶିଶୁ ଖାଦ୍ୟ, ଗର୍ଭବତୀ ପ୍ରସୂତୀଙ୍କ ଖାଦ୍ୟ ଓ ସେବାରୁବଂଚିତ ହେବା ସହ ଶିଶୁମାନେ ଶିକ୍ଷା, ପୁଷ୍ଟିକର ଖାଦ୍ୟପାଇବାରୁ ବଂଚିତ ହେଉଥିବା ଦେଖାଦେଇଛି। ଯାହାକୁ ନେଇ ହିତାଧିକାରୀଙ୍କ ପରିବାର ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି।

ଲିଙ୍ଗରାଜ କଳା ନିକେତନର ୩୨ ତମ ପ୍ରତିଷ୍ଠା ଦିବସ ପାଳିତ

ପୁରୀ, ୨୨ ଡିସେମ୍ବର (ହି.ସ.)- ଶରଧାବାଲି ମୁକ୍ତାକାଶ ରଙ୍ଗମଂଚ ଠାରେ ଲିଙ୍ଗରାଜ କଳା ନିକେତନର ୩୨ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହାକୁ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରି କହିଥିଲେ ଯେ, ଶ୍ରୀକ୍ଷେତ୍ର ହେଉଛି କଳା ସଂସ୍କୃତି ପରଂପରା ଓ ଐତିହ୍ୟର ନଗର । ଏହାର ସାଂସ୍କୃତିକ ମର୍ଯ୍ୟାଦାକୁ ରକ୍ଷା କରିବା କଳାକାର ମାନଙ୍କର ଦାୟିତ୍ୱ । ପୂର୍ବତନ ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରଫୁଲ୍ଲ କୁମାର ସାମନ୍ତରାୟ ଏହି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, କୈଳାସ ଚନ୍ଦ୍ର ନାୟକ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ, ଯୁବନେତା ଶୁଭାଶିଷ ଖୁଂଟିଆ, ବରିଷ୍ଠ ସେବାୟତ ଭଗବାନ ସୁଆର ଓ ଅନ୍ୟମାନେ ଯୋଗଦେଇ ପୁରୀର କଳା ସଂସ୍କୃତି ସମ୍ପର୍କରେ ଆଲୋକପାତ କରିଥିଲେ । ସମାଜସେବୀ ଚକ୍ରଧର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଅନୁଷ୍ଠାନର ସଂପାଦକ ଜଗନ୍ନାଥ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ନୃତ୍ୟ ଶିଳ୍ପୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା । ନୃତ୍ୟଗୁରୁ ଦୁର୍ଗାଚରଣ ରଣବୀର, କବିତିଳକ ଆର୍ତତ୍ରାଣ ଶତପଥୀ ଓ ଗାୟତ୍ରୀ ରଣବୀରଙ୍କୁ ଲିଙ୍ଗରାଜ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା । ନୃତ୍ୟଗୁରୁ ମନୋଜ କୁମାର ପ୍ରଧାନ ଓ ନନ୍ଦିତା ପ୍ରିୟଦର୍ଶିନୀ ମହାନ୍ତିଙ୍କ ନିର୍ଦ୍ଦେଶନାରେ ଆକର୍ଷଣୀୟ ନୃତ୍ୟ ପରିବେଷିତ ହୋଇଥିଲା । ସଂଗୀତ ଗୁରୁ ପ୍ରକାଶ ଚନ୍ଦ୍ର ରଥ ସଂଗୀତ ନିର୍ଦ୍ଦେଶନା ଦେଇଥିଲେ । ସଂସ୍କୃତି ସଂଗଠକ ଶ୍ୟାମପ୍ରକାଶ ସେନାପତି ଓ ଗଣେଶ ଚନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ବାଲିମେଳାରେ କ୍ୟାଣ୍ଡେଲ୍ ଶୋଭାଯାତ୍ରା

ମାଲକାନଗିରି, ୨୩/୧୨ (ନି.ପ୍ର): ମାଲକାନଗିରି ଜିଲ୍ଲା ବାଲିମେଳା ଏନ୍.ଏ.ସି ପରିସର ରେ ଥିବା ସମସ୍ତ ଚର୍ଚ୍ଚର ମିଳିତ ଆନୁକୂଲ୍ୟରେ କ୍ୟାଣ୍ଡେଲ୍ ଶାନ୍ତି ଶୋଭାଯାତ୍ରା ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବିଗତ ୨ ବର୍ଷ ହେବ ମହାମାରୀ କରୋନା ର ପ୍ରକୋପ ଯୋଗୁଁ ଏହି କ୍ୟାଣ୍ଡେଲ୍ ଶାନ୍ତି ଶୋଭାଯାତ୍ରା ହେଇ ପାରୁ ନ ଥିଲା । ଆଜି ସନ୍ଧ୍ୟା ସମୟରେ ନୁଆ ସାହି ସ୍ଥିତ ବେରସେବା ଚର୍ଚ୍ଚ ଠାରେ ପ୍ରଥମେ ରାଜେନ୍ଦ୍ର କୁଲଦୀପ ଓ ବି. ଏନ୍ ବେହେରା ଙ୍କ ଦ୍ୱାରା ପ୍ରଥମ ମହମବତୀ ଜଳାଇ ଏହି କ୍ୟାଣ୍ଡେଲ୍ ଶୋଭାଯାତ୍ରା ଆରମ୍ଭ କରିଥିଲେ ।ପରେ କାଳୀଛକ ଦେଇ ମେଡିକାଲ ସାହି,ମେନ୍ ରୋଡ ନାଲ୍ଲା ଛକ , ବସ ଷ୍ଟାଣ୍ଡ, ଆମ୍ବେଦକର ଛକ,ଡ୍ରଗ ଲାଇନ୍ ଏମ. ଇ ସ୍କୁଲ୍ ,ୟୁ.ସି. ଆଇ.ଏମ ଚର୍ଚ୍ଚ ଜେ.ଇ.ଏଲ.ସି ଲୁଥରାନ ଚର୍ଚ୍ଚ ଠାରେ ନାଚ ଗୀତ ସହ ସମାପ୍ତ ହେଇଥିଲା। ବାଲିମେଳା ରେ ଥିବା ସମସ୍ତ ଚର୍ଚ୍ଚର ପ୍ରାୟ ୧୨୦୦ ରୁ ଉର୍ଦ୍ଧ୍ୱ ଛୋଟ ରୁ ବଡ ସମସ୍ତେ ଏହି କ୍ୟାଣ୍ଡେଲ୍ ଶାନ୍ତି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି କ୍ୟାଣ୍ଡେଲ୍ ଶୋଭାଯାତ୍ରା ଟିକୁ ଖ୍ରୀଷ୍ଟ ଧର୍ମ କମିଟି ର ସଭାପତି ରାକେଶ କୁମାର କୁଲଦୀପଙ୍କ ତତ୍ତ୍ୱାବଧାନ ରେ ପ୍ରତ୍ୟେକ କାର୍ଯ୍ୟ ହୋଇ ଥିବା ବେଳେ ବାଇବେଲ ମିଶନ ଚର୍ଚ୍ଚ ର ପାଷ୍ଟର ନପତାଲି ବାଘ ପରିଚାଳନା କରିଥିଲେ ।

ଜୋଙ୍କ ପୋଲିସ ଦ୍ୱାରା ୧୩ ପୁରୁଷ, ୭ ମହିଳା ଓ ୪ ଶିଶୁ ଶ୍ରମିକ ଉଦ୍ଧାର

ନୂଆପଡା, ୨୩/୧୨ (ନି.ପ୍ର): ପୂର୍ବାହ୍ନରେ ଆଇଆଇସି କୈଳାସ ଚନ୍ଦ୍ର ସେଠି, ଏଏସଆଇ ଆର ଆର କ୍ରିଷ୍ଣଙ୍କ ନେତୃତ୍ୱରେ ଜୋଙ୍କ ପୋଲିସର ପାଟ୍ରୋଲିଂ ଦଳ ୧୩ ପୁରୁଷ, ୭ ମହିଳା ଏବଂ ୪ ଶିଶୁଙ୍କୁ ଖରିଆର ରୋଡର ଡାଗା ଚୌକ ଠାରେ ଉଦ୍ଧାର କରିଛି। ସେମାନଙ୍କୁ ଟାଟା ୪୦୭ ଭ୍ୟାନ ଦ୍ୱାରା ପରିବହନ କରି ନିଆଯାଉଥିଲା । ପାଟ୍ରୋଲିଂ ପାର୍ଟି ମଧ୍ୟ ଭ୍ୟାନ, ମୋଟର ସାଇକେଲ ସହିତ ଦୁଇଟି ଶ୍ରମିକ ସର୍ଦ୍ଦାରଙ୍କୁ ଧରିଥିଲେ । ଉଦ୍ଧାର ହୋଇଥିବା ଶ୍ରମିକମାନେ କୋମାଖାନ ଧରମବନ୍ଧା ଏବଂ ଜୋଙ୍କ ପୋଲିସ ଅଧୀନରେ ଥିବା ବିଭିନ୍ନ ଗାଁର ଅଟନ୍ତି। ଇଟାଭାଟିରେ ଶ୍ରମିକ କାମ ପାଇଁ ସେମାନଙ୍କୁ ୟୁପିର ବସ୍ତର ଜିଲ୍ଲାକୁ ସ୍ଥାନାନ୍ତର କରାଯାଇଥିଲା। ଉଭୟ ଗାଡି ଜବତ କରାଯାଇଛି ଏବଂ ଭ୍ୟାନର ଡ୍ରାଇଭର ଏବଂ କୋମାଖାନ ପୋଲିସ ଅଂଚଳର ଦୁଇ ଶ୍ରମିକ ସର୍ଦ୍ଦାରଙ୍କୁ ଗିରଫ କରାଯାଇଛି। ଆସନ୍ତାକାଲି ସେମାନଙ୍କୁ କୋର୍ଟକୁ ପଠାଯିବ। ଜୋଙ୍କ ପୋଲିସରେ ୨୯୨/୨୨ ରେ ଏକ ମାମଲା ପଞ୍ଜିକୃତ ହୋଇଛି। ଶ୍ରମିକମାନଙ୍କୁ ଉଦ୍ଧାର କରିବାରେ ଅଂଶଗ୍ରହଣ କରିଥିବା ପୋଲିସ ଟିମ୍ ରେ ଏସ.ଆଇ. ବବିତା ମହାଭୋଇ, ଏଏସଆଇ ଆର.ଆର. କ୍ରିଷ୍ଣ, ହାବିଲଦାର କୈଳାସ ଚନ୍ଦ୍ର ଭୋଇ, ହାବିଲଦାର ଖଗେଶ୍ୱର ମାଝୀ, କନେଷ୍ଟବଳ ପ୍ରଦୀପ କୁମାର ପାଣିଗ୍ରାହୀ, ହୋମଗାର୍ଡ ନାରଦ ସୁନା, ହୋମଗାର୍ଡ ଦେବିଲାଲ ବାଗ ପ୍ରମୁଖ ସାମିଲ ଥିଲେ।

ଉଦ୍‌ଘାଟିତ ହେଲା ଓଡିଶା ବାସ୍କେଟବଲ ଲିଗ୍

ପୁରୀ, ୨୩/୧୨ (ନି.ପ୍ର): ପୁରୀରେ ଆରମ୍ଭ ହୋଇଛି ଓଡିଶା ବାସ୍କେଟବଲ ଲିଗ। ଏଥିରେ ୧୦ ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଏହା ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ତାଳବଣିଆ ସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ଆଜି ସଂଧ୍ୟାରେ ଜିଲ୍ଲାପାଳ ସମର୍ଥ ବର୍ମା ଏହାକୁ ଉଦଘାଟନ କରିଥିଲେ। କ୍ରିଡା ଦ୍ୱାରା ସଦଭାବନା ଓ ଭାଇଚାରା ବୃଦ୍ଧି ସହ ଶାରୀରିକ ସୁସ୍ଥତା ବଜାୟ ରହି ପାରିବ ବୋଲି ଜିଲ୍ଲାପାଳ କହିବା ସହ ପ୍ରଥମ ଥର ପାଇଁ ଏଭଳି ବାସ୍କେଟବଲ ଲିଗ ପୁରୀ ରେ ହୋଇ ଥିବାରୁ ଆୟୋଜକ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ,ଉପଜିଲ୍ଲାପାଳ ଭବତାରଣ ସାହୁ,କ୍ରିଡା ବିଭାଗର ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର ଜେନା, ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ,ଡେପୁଟି କଲେକ୍ଟର ରାକେଶ ପଣ୍ଡା,ଖୋ ଖୋ ଦଳର ଇଣ୍ଡିଆ କୋଚ ସଞ୍ଜିବ ଶର୍ମା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ପୂର୍ତ୍ତ ବିଭାଗର ଏସ ଡି ଓ ସୁକଦେବ ସାହୁ, ଜିଲ୍ଲା କ୍ରିଡା ଆସୋସିଏସନ ର ସମ୍ପାଦକ ରବି ଶଙ୍କର ପ୍ରତିହାରୀ, ଓଡିଶା ବାସ୍କେଟବଲ ଆସୋସିଏସନ ର ସମ୍ପାଦକ ଅଶୋକ ସାହୁ, ଯୁଗ୍ମ ସମ୍ପାଦକ ତଥା ଆବାହକ ଅମିତ ଦାସମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଲିଗରେ ୬ ଟି ପୁରୁଷ ଓ ୪ ଟି ମହିଳା ବାସ୍କେଟବଲ ଦଳ ଅଂଶଗ୍ରହଣ କରୁଛନ୍ତି। ଭୁବନେଶ୍ୱର କ୍ୟାପିଟାଲ୍ସ, ଓ୍ୱାରିଅର ବାଲେଶ୍ୱର, ଗଞ୍ଜାମ ହୁପରସ୍, କଟକ ବାରବାଟି ଟାଇଗର, ଏମ୍ପରରସ ରାଉରକେଲା, ପୁରୀ ବୁଲସ୍, ଉତ୍କଳ ଡ୍ରିବଲର୍ସ, କଳିଙ୍ଗ ସୁଟରସ୍, ଓଡିଶା ବ୍ଲକରସ୍, ଓଡ୍ର ଡ୍ରଙ୍କ୍ସ ଟିମ ନାମରେ ଏହି ୧୦ ଗୋଟି ଟିମ ଟ୍ରଫି ହାତେଇବା ପାଇଁ ପ୍ରତିଦ୍ୱନ୍ଦିତା କରିବେ ବୋଲି ଜିଲ୍ଲା କ୍ରିଡା ଅଧିକାରୀ ଚନ୍ଦନ ସାହୁ ସୂଚନା ଦେଇଥିଲେ। ୨୬ ତାରିଖ ସଂଧ୍ୟାରେ ବାସ୍କେଟବଲର ଉଦଯାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ବିଜେତା ଓ ଅନ୍ୟାନ୍ୟ ଦଳ ମାନଙ୍କୁ ପୁରସ୍କୃତ କରାଯିବ। ଆବାହକ ଦାସମହାପାତ୍ର ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

ଦେଶୀ ମଦ ଜବତ: ବେପାରୀ ଗିରଫ

କୋରେଇ, ୨୩/୧୨ (ନି.ପ୍ର): ପାଣିକୋଇଲି ପୁଲିସ ଦେଶୀ ମଦ ବେପାରୀକୁ ଗିରଫ କରିବା ସହ ମଦ ଜବତ କରିବାକୁ ସକ୍ଷମ ହୋଇଛି। ପାଣିକୋଇଲି ପଂଚାୟତ ଅନ୍ତର୍ଗତ ଅଳତିରି (କାଙ୍କଲା) ଗ୍ରାମର ୪ବୁନୁ ମହନ୍ତଙ୍କ ପୁଅ ଭାଗିରଥି ମହନ୍ତ(୬୫) ମଦ ବେପାର କରୁଥିବା ଖବର ପାଇ ପୁଲିସ ଚଢାଉ କରିଥିଲା । ଚଢାଉ ସମୟରେ ୨୦ ବୋତଲ ଆସ୍କାଫର୍ଟି ଜବତ କରିବା ପରେ ଭାଗିରଥିକୁ ଥାନାକୁ ଆଣିଥିଲା। ଏନେଇ ଏକ ମାମଲା ୩୨୩/୨୨ ରୁଜୁ କରାଯାଇ ଭାଗିରଥିକୁ ଗିରଫ କରାଯାଇ ତଦନ୍ତ ଚାଲୁ ରହିଛି ।

ବଲାଣି ଖଣି ପକ୍ଷରୁ ଖଣିଜ ପରିବେଶ ଓ ଖଣିଜ ସଂରକ୍ଷଣ ସପ୍ତାହ ପାଳିତ

ବଲାଣି, ୨୩/୧୨ (ନି.ପ୍ର): ରାଷ୍ଟ୍ରାୟତ ଉଦ୍ୟୋଗ ତଥା ମହାରତ୍ନ କମ୍ପାନୀ ଭାରତୀୟ ଇସ୍ପାତ ପ୍ରାଧିକରଣ(ସେଲ୍)ର ରାଉରକେଲା ଇସ୍ପାତ କାରଖାନା (ଆର୍ ଏସ ପି) ଅଧିନସ୍ଥ ଓଡିଶା ଖଣି ସମୂହର ବଲାଣି ଲୌହ ଖଣିରେ ୨୪ତମ ଖଣି ପରିବେଶ ଓ ଖଣି ସଂରକ୍ଷଣ ସପ୍ତାହ ପାଳିତ ହୋଇଯାଇଛି । ଆଇବିଏମ ର ଆଂଚଳିକ କାର୍ଯ୍ୟାଳୟ ତତ୍ତ୍ୱାବଧାନରେ ପାଳିତ ହେଉଥିବା ଏହି ସପ୍ତାହ ୧୯ ତାରିଖରୁ ୨୫ ତାରିଖ ମଧ୍ୟରେ ବିଭିନ୍ନ ଖଣିରେ ପାଳିତ ହେଉଛି । ବଲାଣି ଖଣିରେ ଏହା ପାଳିତ ହୋଇଥିବା ବେଳେ ବଲାଣି ଖଣିର ମୁଖ୍ୟ ମହାପ୍ରବନ୍ଧକ ଜୟଦେବ ଚଟ୍ଟୋପାଧ୍ୟାୟ ଖଣିର ଜି- ଏରିଆରେ ନବନିର୍ମିତ ଓଭାଲ ପାର୍କରେ ପତାକା ଉତୋଳନ କରି ଉତ୍ସାଟନ କରିଥିଲେ । ଏହି ଉତ୍ସାଟନ କାର୍ଯ୍ୟକ୍ରମରେ ଖଣି ଓ ଅନ୍ୟ ବିଭାଗର ସମସ୍ତ ମୁଖ୍ୟ ଓ ଅନ୍ୟ କର୍ମଚାରୀ ଏବଂ ବିଭିନ୍ନ ବିଭାଗର ଶ୍ରମିକ ମାନେ ଯୋଗ ଦେଇଥିଲେ । ଏଠାରେ ପ୍ରକାଶ ଥାଉକି ଖଣି ପରିବେଶ ଏବଂ ଖଣିଜ ସଂରକ୍ଷଣ ସପ୍ତାହ ପାଳନର ଉଦ୍ଦେଶ୍ୟ ହେଉଛି ଆଇବିଏମ ଅଧୀନରେଥିବା ସମସ୍ତ ଖଣିରେ ଖଣି ପରିବେଶ ଓ ଖଣିଜ ସଂରକ୍ଷଣ ତଥା ସବୁଜତା ଏବଂ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବାରେ କର୍ମଚାରୀ ତଥା ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅଧିକ ସଚେତନତା ସୃଷ୍ଟି କରିବା । ପରିବେଶ ଏବଂ ଖଣିଜ ସଂରକ୍ଷଣ ସମ୍ବନ୍ଧୀୟ ଖଣି ମାନଙ୍କରେ ନିଆ ଯାଉଥିବା ପଦକ୍ଷେପକୁ ମୂଲ୍ୟାଙ୍କନ କରିବାକୁ ବିଭିନ୍ନ ଖଣି ସଦସ୍ୟଙ୍କୁ ନେଇ ଏକ ଦଳ ଦ୍ୱାରା ଖଣିଗୁଡିକ ଯାଂଚ କରାଯାଏ । ଏହି ଅବସରରେ ବଲାଣି ଖଣିରେ, ବିଭିନ୍ନ ଖଣିରୁ ଯାଂଚ ଦଳର ସଦସ୍ୟମାନେ ଖଣି ପରିଦର୍ଶନ କରିଥିଲେ ଏବଂ ବୃକ୍ଷରୋପଣ, ବର୍ଜ୍ୟବସ୍ତୁ ପରିଚାଳନାର ବ୍ୟବସ୍ଥା ତଥା ଖଣିରେ ବୈଜ୍ଞାନିକ ପଦ୍ଧତିରେ ବିକାଶ, ଖଣିଜ ସଂରକ୍ଷଣ , ଖନନ କାର୍ଯ୍ୟ ସମ୍ପନ୍ନ ହୋଇଯାଇଥିବା ଖଣି ର ପୁନରୁଦ୍ଧାର ଓ ଥଇଥାନ, ପରିବେଶ, ସଚେତନତା କାର୍ଯ୍ୟକ୍ରମ ର ପ୍ରଚାର ଓ ପ୍ରସାର ଉପରେ ଆଧାରିତ କାର୍ଯ୍ୟଦକ୍ଷତାକୁ ମୂଲ୍ୟାଙ୍କନ କରିଥିଲେ । ଲାନଜିବେରାନା ଚୂନ ପଥର ଏବଂ ଡୋଲୋମାଇଟ୍ ମାଇନ୍ସ ର ସହ ପ୍ରବନ୍ଧକ ଅରବିନ୍ଦ କୁମାର ଝା, ସଂଯୋଜକ ଭାବରେ ଏବଂ ଅନ୍ୟ ସଦସ୍ୟ ଭାବେ ଚନ୍ଦ୍ରକାନ୍ତ ରଥ, ଉପମହାପ୍ରବନ୍ଧ (ଖଣି) ମହୁଲସୁଖା ଆଇରନ୍ ଏବଂ ମାଙ୍ଗାନିଜ୍ ଖଣିଙ୍କ ନେତୃତ୍ୱରେ ଖଣିର ଯାଂଚ କରାଯାଇଥିଲା। ଏହି ଅବସରରେ ବଲାଣି ଖଣିର କର୍ମଚାରୀଙ୍କ ମଧ୍ୟରେ ଏବଂ ସ୍ଥାନୀୟ ବିଦ୍ୟାଳୟର ଛାତ୍ରମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଏବଂ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଖଣି ପରିବେଶ ଓ ଖଣିଜ ସଂରକ୍ଷଣ ସପ୍ତାହର ପ୍ରଚାର ଏବଂ ପ୍ରସାର କାର୍ଯ୍ୟକ୍ରମ ସ୍ଥାନୀୟ ଜେ ଏନ ଆର୍ ସି ସଭାଗୃହରେ ଆୟୋଜିତ ହୋଇଥିଲା । ବଲାଣି ଖଣିର ମୁଖ୍ୟ ମହାପ୍ରବନ୍ଧକ ଜୟଦେବ ଚଟ୍ଟୋପାଧ୍ୟାୟ ପ୍ରଚାର ତଥା ପ୍ରଚାର କାର୍ଯ୍ୟକ୍ରମରେ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ ଏବଂ ଖଣି ପରିବେଶ ଏବଂ ଖଣିଜ ସଂରକ୍ଷଣ ଖଣି ଦିଗରେ ବଲାଣି ଖଣି ଦ୍ୱାରା କରାଯାଇଥିବା ବିଶେଷ କାର୍ଯ୍ୟକଳାପ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କର୍ମଚାରୀ ଓ ବିଦ୍ୟାଳୟର ସ୍ଥାନୀୟ ବିଦ୍ୟାଳୟ ଦ୍ୱାରା ପରିବେଶ ଉପରେ ଆଧାରିତ ନାଟକ, ନୃତ୍ୟ ଏବଂ ସଂଗୀତ ପରିବେଷଣ କରାଯାଇଥିଲା । ପରେ ଉତ୍ସବରେ ପ୍ରତିଯୋଗିତାର ବିଜେତା ଏବଂ ଅଂଶଗ୍ରହଣକାରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ପରିବେଶର ସୁରକ୍ଷା ପାଇଁ ବଲାଣି ଖଣି ଦ୍ୱାରା ନିଆଯାଇଥିବା ପଦକ୍ଷେପକୁ ଯାଂଚକାରୀ ଦଳ ପ୍ରଶଂସା କରିବା ସହିତ ପରିବେଶ ପ୍ରଦୂଷଣ ଏବଂ ସଂରକ୍ଷଣ ବିଷୟରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଭଲ ଭାବରେ ସଚେତନ ରହିବାକୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମକୁ ପରିବେଶ ଓ ଲିଜ୍ ବିଭାଗର ଅଧିକାରୀ ତାପସ ଗଂଜନ ସାହୁ ପରିଚାଳନା କରିଥିବାବେଳେ ଏମ ରମେଶ ସହଯୋଗ କରିଥିଲେ। ପରିବେଶ ଏବଂ ଲିଜ୍ ବିଭାଗର ମହାପ୍ରବନ୍ଧକ ରାଧାକାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

କାଗଜ କଳ ଶ୍ରମିକମାନଙ୍କ ପକ୍ଷରୁ ଧାରଣା ଚେତାବନୀ

ଜୟପୁର, ୨୩/୧୨ (ନି.ପ୍ର): କାଗଜ କଳ ଅବସରପ୍ରାପ୍ତ ଶ୍ରମିକ ମାନଙ୍କୁ ସେମାନଙ୍କ ପ୍ରାପ୍ୟ ଦେବା, ପି ଏଫ୍ , ପେନସନ ପାଇଁ ମ୍ୟାନେଜମେଂଟକୁ ବାରମ୍ବାର କହିଲେ ମଧ୍ୟ ଶୁଣୁ ନାହାନ୍ତି। ୟୁନିଟ୍ ହେଡ୍ ଓ ଏର୍ ଆର୍ ହେଡ୍ ଭୁଆଁ ବୁଲେଇବା ସହ ପ୍ରଶାସନ ଓ ଅନ୍ୟ ମାନଙ୍କୁ କହୁଛି ଆମେ ସବୁ ଅବସରପ୍ରାପ୍ତ ଶ୍ରମିକ ମାନଙ୍କୁ ନିଯୁକ୍ତି ଦେଉଛୁ । ବାସ୍ତବରେ ତାହା ନୁହଁ। ମ୍ୟାନେଜମେଂଟ ନିଜ ଇଚ୍ଛାରେ ଯାହାକୁ ଚାହୁଁଛି ତାକୁ ଦେଉଛି । ଅନ୍ୟ ପକ୍ଷରେ କାରଖାନା ଚାଲୁ ନାହିଁ ଓ ଅବସରପ୍ରାପ୍ତ ଶ୍ରମିକ ଯେଉଁ ମାନେ କାମ କରୁଛନ୍ତି ସେମାନଙ୍କୁ ଦୁଇ ତିନି ମାସ ଧରି ଅଧା ଦରମା ମଧ୍ୟ ମିଳୁନାହିଁ । ଯେଉଁ ଶ୍ରମିକ ମାନେ ମରିଯାଇଛନ୍ତି ସେମାନଙ୍କ ପରିବାର ଅତ୍ୟନ୍ତ ଦୂରବସ୍ଥା ରେ କାଳ କାଟୁଛନ୍ତି । ଗତ ସେପଟେମ୍ବର ମାସ ୨୦ ତାରିଖ ଦିନ ପଞ୍ଚବଟୀ ୟୁନିଟ୍ ହେଡ୍ ଙ୍କ ବାସସ୍ଥାନ ରେ ଦଣ୍ଡାୟମାନ ଧାରଣା ବେଳେ ୟୁନିଟ୍ ହେଡ୍ କହିଥିଲେ ଯେଉଁ ମାନଙ୍କୁ ଡ୍ୟୁଟି ରେ ନିଆଯାଇନି, ବା ଯେଉଁ ଶ୍ରମିକ ମାନେ ମରିଯାଇଛନ୍ତି ସେମାନଙ୍କ ପରିବାର କୁ ପ୍ରତି ମାସରେ ବକେୟା ପାଉଣା ରୁ ଦିଆଯିବ । ପ୍ରକାଶ ଥାଉକି ଅବସରପ୍ରାପ୍ତ ଶ୍ରମିକ ମାନେ ପ୍ରତିମାସରେ ୨୦ ହଜାର ଟଙ୍କା ଲେଖାଏଁ ଦେବାକୁ ଦାବି କରିଥିଲେ । ବର୍ତ୍ତମାନ ମ୍ୟାନେଜମେଣ୍ଟ କୌଣସି କଥା ଶୁଣିବା ପାଇଁ ନାରାଜ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ୨୦୨୦ ରୁ ୧୫୦ କୋଟି ରୁଣ ନେଇ ସେଥିରୁ ଗୌତମ ଥାପର କୁ ୧୦୦ କୋଟି ଦେଇଦେଲେ କିନ୍ତୁ ଶ୍ରମିକ ମାନଙ୍କୁ ଟଙ୍କା ଟିଏ ବି ଦେଲାନି । ଏଭଳି ସ୍ଥଳେ ୭୦ ବର୍ଷ ରୁ ଉର୍ଦ୍ଧ୍ୱ ମ୍ୟାନେଜମେଣ୍ଟ ଅଧିକାରୀ ମାନେ ଲକ୍ଷ ଲକ୍ଷ ଟଙ୍କା ଦରମା ନେଉଛନ୍ତି । ଏଣୁ ଯଦି ଅବସରପ୍ରାପ୍ତ ଶ୍ରମିକ ମାନଙ୍କ କଥା ଶୁଣା ନ ଯାଏ ତେବେ ପୁଣି ୨୦୨୩ ଜାନୁଆରୀ ପ୍ରଥମ ସପ୍ତାହରୁ ପଞ୍ଚବଟୀ ୟୁନିଟ୍ ହେଡ୍ ଙ୍କ ବାସଭବନ ସମ୍ମୁଖରେ ସକାଳ ସଞ୍ଜ ରେ ଧାରଣା ଦିଆଯିବ ବୋଲି ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତି ପ୍ରକାଶ କରିଛନ୍ତି ।

ଆଦର୍ଶ ଶିକ୍ଷକ କୁଳମଣୀ

ଦୁର୍ଦ୍ଧର୍ଷ ହେଲିକପ୍ଟର

ଯୁଦ୍ଧକ୍ଷେତ୍ରରେ ଦେଶର ସେନାବାହିନୀ ବୀରତ୍ୱର ସହ ଶତ୍ରୁପକ୍ଷକୁ ସାମନା କରନ୍ତି । ଏହି ସମୟରେ ସେମାନଙ୍କୁ ସହଯୋଗ କରିବା ଲାଗି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ହେଲିକପ୍ଟର । ଗୋଟିଏ ଗୋଟିଏ ହେଲିକପ୍ଟର ଏକାଧିକ ସୈନିକଙ୍କ ପରି କାର୍ଯ୍ୟ ତୁଲାଇପାରେ । ଏଗୁଡ଼ିକ ରଣଭୂମିର ଦୁର୍ଦ୍ଧର୍ଷ ଯନ୍ତ୍ର ସୈନିକ କହିଲେ ଅତ୍ୟୁକ୍ତି ହେବନାହିଁ । ନିକଟରେ ଭାରତୀୟ ବାୟୁସେନାରେ ସାମିଲ ହୋଇତ୍ୱବା ଉଡ଼ନ୍ତା ଟ୍ୟାଙ୍କ ଆପାଚେ ହେଲିକପ୍ଟର ସମେତ ବିଶ୍ୱର ପ୍ରମୁଖ ୫ଟି ଲଢୁଆ ହେଲିକପ୍ଟର ସମ୍ପର୍କରେ-

ବୋଇଂ ଏଏଚ ୬୪ ଆପାଚେ:

୨୦ହଜାର ଫୁଟ ଉଚ୍ଚ ପର୍ଯ୍ୟନ୍ତ ଉଡ଼ିପାରୁଥିବା ଆପାଚେ ଶତ୍ରୁଦେଶ ମଧ୍ୟରେ ପଶି ନିମିଷକେ ତାଣ୍ଡବ ରଚିବା ଲାଗି ସକ୍ଷମ । ଏହାକୁ ପିଓକେ ସମେତ ଅନ୍ୟାନ୍ୟ ବିଭିନ୍ନ ଆତଙ୍କବାଦୀ ଆଡ୍ଡାଗୁଡ଼ିକରେ ନିୟୋଜିତ କରାଯିବ । ଆମେରିକୀୟ କମ୍ପାନୀ ଏଏଚ-୬୪ ସାରାବିଶ୍ୱରେ ଏଯାବତ ୨୧୦୦ ଆପାଚେ ହେଲିକପ୍ଟର ଯୋଗାଇ ସାରିଛି । ଏହା ପୂର୍ବରୁ ଭାରତ ବ୍ୟହାର କରୁଥିବା ରୁଷ ନିର୍ମିତ ଏମଆଇ-୩୫ର ସ୍ଥାନ ନେବ ଏବଂ କେବଳ ଆକ୍ରମଣ ଲାଗି ନିୟୋଜିତ ହେବ । କୌଣସି ପ୍ରତିକୂଳ ପାଗ କିମ୍ବା ପରିସ୍ଥିତିରେ ଏହା ସଫଳତାର ସହ କାର୍ଯ୍ୟ କରିପାରିବ । ଏଥିରେ ଦୁଇଟି ଜେନେରାଲ କଲେକ୍ଟିକ୍ ଟି୭୦୦ ଟର୍ବୋଶେଫ୍ ଇଞ୍ଜିନ ଏବଂ ଆଗପଟକୁ ଏକ ସେନସର ରହିଛି ତେଣୁ ରାତିର ଅନ୍ଧକାରରେ ବି ଏହା ଆରାମରେ ଗତି କରିପାରିବ । ୫୧୬୫ କିଲୋଗ୍ରାମ ଓଜନର ଏହି ହେଲିକପ୍ଟରରେ ପାଇଲଟ୍ ବସିବା ପାଇଁ ଦୁଇଟି ସିଟ୍ ରହିଛି । ଯୁଦ୍ଧକ୍ଷେତ୍ରରେ ଯେକୌଣସି ପରିସ୍ଥିତିରେ ଏହା ଶତ୍ରୁପକ୍ଷକୁ ଦୃଢ଼ ଜବାବ ଦେଇପାରିବ । ଉଡ଼ନ୍ତା ଟ୍ୟାଙ୍କ ଭାବେ ପରିଚିତ । ଆପାଚେ ଘଣ୍ଟା ପ୍ରତି ୩୬୫ କିଲୋମିଟର ବେଗରେ ଉଡ଼ିପାରେ । ତେଣୁ ଶତ୍ରୁପକ୍ଷର ବଟ୍ୟାଙ୍କ ଧ୍ୱଂସ କରିବା ଏହା ପାଇଁ ଖୁବ ସହଜ । ଏଥିରେ ହେଲିଫାୟର ଏବଂ ଷ୍ଟିଙ୍ଗର ମିସାଇଲ ଲାଗିବା ସହ ଉଭୟ ପଟେ ୩୦ ଏମଏମର ଦୁଇଟି ବନ୍ଧୁକ ରହିଛି । ଏହି ମିସାଇଲର ପେଲୋଡରେ ତୀବ୍ର ବିସ୍ଫୋରକ ଭର୍ତ୍ତି ହୋଇଥାଏ । ଏହାର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଥିରେ ଲାଗିଥିବା ହେଲମେଟ ମାଉଣ୍ଟେଡ ଡିସପ୍ଲେ, ଇଣ୍ଟିଗ୍ରେଟେଡ ହେଲମେଟ ଏବଂ ଡିସପ୍ଲେ ସାଇଟିଂ ସିଷ୍ଟମ । ଏହା ସହାୟତାରେ ପାଇଲଟ ହେଲିକପ୍ଟରରେ ଲାଗିଥିବା ଅଟୋମେଟିକ ଏମ୨୩୦ ଚେନଗନରେ ଶତ୍ରୁକୁ ଟାର୍ଗେଟ କରିପାରିବେ । ଆମେରିକୀୟ ସେନା ଲାଗି ଆଡଭାନସଡ ଆଟାକ ହେଲିକପ୍ଟର ପ୍ରୋଗ୍ରାମ ପାଇଁ ଏହାକୁ ନିର୍ମାଣ କରାଯାଇଥିବା ବେଳେ ୧୯୭୫ରେ ଏହା ପ୍ରଥମ ଉଡାଣ କରିଥିଲା । ତେବେ ଆମେରିକୀୟ ସେନାରେ ଏହାକୁ ୧୯୮୬ରେ ସାମିଲ କରାଯାଇଥିଲା ।

କାମୋଭ-କେଏ-୫୦:

ରଷୀୟ ଲଢୁଆ ହେଲିକପ୍ଟର କାମୋଭ -କେଏ ୫୦ ଏବଂ ୫୨କୁ ବ୍ଲାକ ଶାର୍କ ବୋଲି ବି କୁହାଯାଏ । ଗୋଟିଏ ସିଟ୍ ଥିବା ଏହି ହାଲକା ହେଲିକପ୍ଟର ଖୁବ ଆକ୍ରମଣାତ୍ମକ । ୧୯୮୦ ମସିହାରେ ଏହାକୁ ନିର୍ମାଣ କରାଯାଇଥିଲା । ତେବେ ୧୯୯୫ ମସିହାରେ ରୁଷ୍ ସେନାବାହିନୀରେ ଏହାକୁ ସାମିଲ କରାଗଲା । ଏତ୍ରରେ ପାଇଲଟ୍ ହେଲିକପ୍ଟର ଉଡ଼ାଇବା ସହ ଶତ୍ରୁ ଉପରେ ଆକ୍ରମଣ କରିପାରିବେ । ଅକାରରେ ଛୋଟ ହୋଇଥିବାରୁ ଏହା ଅନ୍ୟ ହେଲିକପ୍ଟର ତୁଳନାରେ ଦ୍ରୁତଗତିରେ ଯାଇପାରେ । ତେଣୁ ଯେତେ କଷ୍ଟକକର ଅଭିଯାନ ହେଲେ ମଧ୍ୟ ଏହିଂ ହେଲିକପ୍ଟର ଏହାକୁ ସଫଳତାର ସହ ସମ୍ପୂର୍ଣ୍ଣ କରିପାରିଛି । ଦ୍ରୁତ ଉଡାଣ ପାଇଁ ତିନୋଟି ଲେଖାଏଁ ରୋଟର ବ୍ଲେଡ୍ ଥିବା ଦୁଇଟି ସିଷ୍ଟମ ସହାୟକ ହୋଇଥାଏ । ପାଇଲଟ୍ ଜରୁରୀକାଳୀନ ସ୍ଥିତିରେ ନିଜ ଜୀବନ ବଞ୍ଚାଇପାରିବା ଲାଗି ଇଜେକସନ ସିଟ୍ ଏତ୍ରରେ ରହିଛି । ଏହା ସର୍ବାଧିକ ୧୦,୮୦୦ କିଲୋ ଓଜନ ବୋହିପାରିବ, ଘଣ୍ଟାପ୍ରତି ୩୧୦ କିଲୋମିଟର ବେଗରେ ଗତି କରିପାରିବ ଏବଂ ୫୨୦ କିଲୋମିଟର ପର୍ଯ୍ୟନ୍ତ ଏହାର ରେଞ୍ଜ ରହିଛି ।

ଏମଆଇ-୨୮ ଏଚ୍:

ଏହା ମଧ୍ୟ ରୁଷୀୟ ହେଲିକପ୍ଟର । ନାଟୋ ଏହାକୁ ହାଭୋକ୍ ବୋଲି ନାମିତ କରିଛି । ଦୁଇଟି ସିଟ୍ ଥିବା ଏହି ଆଣ୍ଟି ଆର୍ମର ଆଟାକ୍ ହେଲିକପ୍ଟର ଯେକୌଣସି ଋତୁରେ ବ୍ୟବହାର କରାଯାଇପାରେ । ଗୁଳି ବାଜିଗୋଲ ବି ଏହା ଉଡ଼ିପାରିବ । ଏଥିରେ ଅତ୍ୟାଧୁନିକ ଆଣ୍ଟି ଟ୍ୟାଙ୍କ ମିସାଇଲ ଲାଗିଥିବାବେଳେ ଏହାର ରେଞ୍ଜ ୧୧୦୦ କିଲୋମିଟର ପର୍ଯ୍ୟନ୍ତ । ଏହା ସର୍ବାଧିକ ୧୧୫୦୦ କିଲୋଗ୍ରାମ ଭାର ବହନ କରିପାରୁଥିବାବେଳେ ଘଣ୍ଟା ପ୍ରତି ୩୨୦ କିଲୋମିଟର ବେଗରେ ଉଡ଼ିଥାଏ ।

ୟୁରୋକପ୍ଟର ଟାଇଗର:

ଲଢୁଆ ହେଲିକପ୍ଟରଗୁଡ଼ିକ ମଧ୍ୟରେ ୟୁରୋକପ୍ଟର ଟାଇଗର ଫ୍ରାନ୍ସ ଏବଂ ଜର୍ମାନୀ ଦ୍ୱାରା ମିଳିତ ଭାବେ ନିର୍ମାଣ କରାଯାଇଛି । ଯୁଦ୍ଧ କ୍ଷେତ୍ରରେ ଏହା ବାଘ ଭଳି ଶତ୍ରୁପକ୍ଷରୁ ସାମନା କରିଥାଏ । ଏହାର ରେଞ୍ଜ ୮୦୦ କିଲୋମିଟର ହୋଇଥିବା ବେଳେ ସର୍ବାଧିକ ୬ହଜାର କିଲୋ ବେଗରେ ଗତି କରିପାରେ ।

କଫ ସମସ୍ୟା

♦ଅଧ କପ ଉଷୁମ ପାଣିରେ ଏକ ଚାମଚ ହଳଦି ଗୁଣ୍ଡ, ଏକ ବାମ ଗୋଲମରିଚ ଗୁଣ୍ଡ ଓ ଏକ ଚାମଚ ମହୁ ଫେଣ୍ଟନ୍ତୁ ।। ଉଷୁମ କରି ଦିନରେ ଦୁଇଥର ସେବନ କଲେ, ସୁଫଳ ମିଳିବ ।

♦ଅଦାକୁ ଛୋଟ ଛୋଟ ଖଣ୍ଡରେ କାଟି, ଉଷୁମ ପାଣିରେ ପକାଇ, ଦିନରେ ଦୁଇ ତିନିଥର ପିଅନ୍ତୁ । ଅଦା ଫୁଟା ପାଣିରେ ମହୁ ଫେଣ୍ଟି ପିଇଲେ, କଫ, ଛାତି ବ୍ୟଥାଦୂର ହୁଏ ।

♦କଫ, ଗଳା ବ୍ୟଥା ଦୂର ପାଇଁ ଯଷ୍ଟିମଧୁ ଚେର ଉପକାରୀ । ଦୁଇ ଚାମଚ ଶୁଖିଲା ଯଷ୍ଟିମଧୁ ଚେର ଗୁଣ୍ଡକୁ ଉଷୁମ ପାଣିରେ ପକାଇ କୁଳିକରନ୍ତୁ ।

ଦୁଇ କପ୍ ପାଣିରେ ଏକ ଚାମଚ ମହୁ ଓ ଆଠ ଦଶଟି ଗୋଲମରିଚ ପକାଇ ଦଶ ମିନିଟ୍ ଫୁଟାନ୍ତୁ । ସାମାନ୍ୟ ଉଷୁମ ଥିବା ଅବସ୍ଥାରେ ଦିନରେ ଦୁଇଥର ପିଅନ୍ତୁ ।

♦ଚାରିକପ ପାଣିରେ ତିନି ଚାମଚ କଟା ଅଦା ଖଣ୍ଡ, ଏକ ଚାମଚ ଶୁଖିଲା ପୋଦନା ପତ୍ର ଓ ଏକ କପ ମହୁ ଫୁଟାଇ ଛାଣିଦିଅନ୍ତୁ । ଥଣ୍ଡା ହେବା ପରେ ଦିନରେ ତିନିଥର ଦୁଇ ସପ୍ତାହ ଯାଏ ସେବନ କଲେ କଫ ସମସ୍ୟା ଦୂରହୁଏ ।

ଓଜନ ନିୟନ୍ତ୍ରଣର ସରଳ ଉପାୟ

◈ରାତିରେ ୧ଜିଲାସ ଗରମ ପାଣିରେ ୩ଚାମଚ ପାନମଧୁରି ବତୁରାଇ ରଖନ୍ତୁ । ସକାଳୁ ଏହି ପାଣିକୁ ଛାଣି କରି ପିଇବା ସ୍ୱାସ୍ଥ୍ୟ ପାଇଁ ଉତ୍ତମ ।

◈ଅଧ ଗିଲାସ ଉଷୁମ ପାଣିରେ ୧ଚାମଚ ମହୁ ଓ ୧ଛୋଟ ଚାମ ଡାଲିଚିନି ଗୁଣ୍ଡ ମିଶାଇ ପିଇଲେ ମଧ୍ୟ ଓଜନ ନିୟନ୍ତ୍ରିତ ହୋଇଥାଏ ।

◈ଦୈନିକ ସକାଳୁ ଖାଲିପେଟରେ ୧ ଚାମଚ ଘିଁକୁଆରୀ ରସ ଓ ଅଁଳା ରସକୁ ଅଧ ଗିଲାସ ପାଣିରେ ମିଶାଇ ପିଅନ୍ତୁ ।

◈ସକାଳ ଜଳଖିଆ ଓ ସନ୍ଧ୍ୟା ଜଳଖିଆ ପରେ ଗ୍ରୀନ ଟି ପିଇବା ନିୟମିତ ଏକ ଅଭ୍ୟାସ କରିବା ଉଚିତ ।

◈ବିଭିନ୍ନ ବ୍ୟଞ୍ଜନରେ ଟମାଟୋର ଉପଯୋଗ ଅଧିକ କରନ୍ତୁ । ଏହା ଭୋକ ନିୟନ୍ତ୍ରଣ କରିବା ସହ ଓଜନ ହ୍ରାସ କରିଥାଏ ।

◈ପ୍ରତ୍ୟେକ ଦିନ ବନ୍ଧାକୋବି ବ୍ୟଞ୍ଜନ ଖାଇଲେ ମଧ୍ୟ ଓଜନ ନିୟନ୍ତ୍ରିତ ହେଉଥିବାର ଗବେଷକଙ୍କ ମତ ।

ଘରୋଇ ଟିପ୍ସ

ଘରର ଦାୟିତ୍ୱ ସାଧାରଣତଃ ମହିଳାଙ୍କ ଉପରେ ନ୍ୟସ୍ତ ଥାଏ । ଆଜିର ଯୁଗରେ ମହିଳାମାନେ ଉଭୟ ଘର କାମ ଓ ବାହାର କାମକୁ ସୁଚାରୁ ରୁପେ ତୁଲାଉଥିବାର ଲକ୍ଷ୍ୟ କରାଯାଉଛି । ତେବେ ଘରର ସମସ୍ତ ଖର୍ଚ୍ଚକୁ ଉତ୍ତମ ଭାବେ ନିୟନ୍ତ୍ରଣ କରିବାକୁ କେତୋଟି ଟିପ୍ସ ପାଳନ କରିବା ଉଚିତ ।

✚ ଫ୍ରିଜକୁ କେବେହେଲେ କାନ୍ଥ ସହ ଲଗାଇ ରଖିବେନାହିଁ । କାନ୍ଥଠାରୁ ୨ଇଞ୍ଚ ଛାଡ଼ି କରି ରଖିବା ଆବଶ୍ୟକ । ଏପରି ରଖିଲେ ଫ୍ରିଜକୁ ସମ୍ପୂର୍ଣ୍ଣ ଏୟାର ସର୍କୁଲେସନ ମିଳିବା ସହ ବିଜୁଳି ଖର୍ଚ୍ଚ ୪୦% ହ୍ରାସ ହେବ । ଏହିପରି କାନ୍ଥଠାରୁ ଦୂରେଇ ରଖିବା ଦ୍ୱାରା ବର୍ଷକୁ ୯୬୦ଟଙ୍କା ସଞ୍ଚୟ କରିହେବ ।

✚ରୋଷେଇ କଲାବେଳେ ସମସ୍ତ ପନିପରିବା କଡ଼େଇରେ ପକାଇବା ପରେ ଚୁଲାର ଆଞ୍ଚକୁ କମ କରି ରାନ୍ଧନ୍ତୁ । ଏପରି କରିବା ଦ୍ୱାରା ପରିବା ପୋଡ଼ିବ ନାହିଁ ଓ ୧୦% ଗ୍ୟାସ ସଞ୍ଚୟ ହେବ । ଏହା ଦ୍ୱାରା ଜଣେ ଗୃହିଣୀ ବର୍ଷକୁ ୫୪୦ଟଙ୍କା ସଞ୍ଚୟ କରିପାରିବ ବୋଲି ମତ ପ୍ରକାଶ ପାଇଛି । ଏକ ବିଦେଶୀ ସଂସ୍କାର ମତ ଅନୁସାରେ ଖାଦ୍ୟକୁ ପ୍ରେସର କୁକର୍ ସହାୟତାରେ ରାନ୍ଧିବା ବୁଦ୍ଧିମତ୍ତାର କାମ । ଖାଦ୍ୟ ଶୀଘ୍ର ସିଝିବା ସହ ୭୦% ଶକ୍ତି ସଂରକ୍ଷଣ ହୋଇଥାଏ । ଦୈନିକ ପ୍ରେସର କୁକୁରରେ ସମସ୍ତ ଖାଦ୍ୟ ରାନ୍ଧୁଥିବା ଲୋକେ ବର୍ଷକୁ ୫୪୦୦ଟଙ୍କା ସଞ୍ଚୟ କରିଥାନ୍ତି ।

✚ କାରରେ ଜିନିଷପତ୍ର ରଖିଲାବେଳେ ସତର୍କ ରୁହନ୍ତୁ । ୪୫ କିଲୋରୁ ଅଧିକ ଓଜନର ଜିନିଷ ରଖିଲେ ଇନ୍ଧନ ୨% ଅଧିକ ଖର୍ଚ୍ଚ ହୁଏ ।

✚ ପ୍ରତ୍ୟେକ ବ୍ୟକ୍ତି ଟ୍ରାଫିକ ସିଗନାଲରେ ଛିଡ଼ା ହେଲେ ଦୟାକରି ନିଜ ଗାଡ଼ିକୁ ବନ୍ଦ କରନ୍ତୁ । ଏପରି କଲେ ବର୍ଷକୁ ୧୩ହଜାର ଟଙ୍କା ସଞ୍ଚୟ କରିବେ ବୋଲି ଏକ ସର୍ବେକ୍ଷଣରୁ ପ୍ରକାଶ । ଭାରତୀୟ ଲୋକେ ୨%ରୁ କମ ଏହି ନିୟମ ପାଳନ କରିଥାନ୍ତି । ଗୃହିଣୀମାନେ ଘରର ପ୍ରତ୍ୟେକ କକ୍ଷର ବଲବକୁ ଏଲଇଡି ବଲବରେ ପରିବର୍ତ୍ତନ କରିବା ପଦକ୍ଷେପ ଯଥା ଶୀଘ୍ର ନେବା ଆବଶ୍ୟକ । ଏଲଇଡି ବଲବ ୮୦% ବିଜୁଳି ସଞ୍ଚୟ କରିବା ସହ ବର୍ଷ କୁ ୧୨ହଜାର ଟଙ୍କା ସଞ୍ଚୟ କରିଥାଏ ।

✚ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ବା ଏସି ଲଗାଇଲେ ସାଧାରଣତଃ ବିଦ୍ୟୁତ ବିଲ ଅଧିକ ଆସିଥାଏ । ତେବେ ଏ ବାବଦରେ ହୋଇଥିବା ସର୍ବେକ୍ଷଣରୁ ପ୍ରକାଶିତ ଯେ ଏସିର ତାପମାତ୍ରାକୁ ୨୪ରୁ ୨୫ ଡିଗ୍ରୀରେ ରଖିଲେ, ବିଲ ଅପେକ୍ଷାକୃତ କମ ଆସିଥାଏ । ଏପରି କଲେ ବିଦ୍ୟୁତ ବିଲ ବର୍ଷକୁ ୫ହଜାର ଟଙ୍କା କମ ଆସୁଥିବାର ପ୍ରକାଶ ।

ସୁସ୍ଥତାର ସୂତ୍ର

ନିକଟରେ ଆମେରିକୀୟ ଗବେଷକ ଦଳ ୧୫୦୦ ଲୋକଙ୍କୁ ସାମିଲ କରି ଏକ ଗବେଷଣା ଆରମ୍ଭ କରିଥିଲେ । ପାଖାପାଖି ୨ବର୍ଷ ଧରି ଅନୁଧ୍ୟାନ ହେବା ପରେ ଜଣାପଡ଼ିଥିଲା ଯେ ନିୟମିତ ଭାବେ କମ କ୍ୟାଲୋରି ଯୁକ୍ତ ଖାଦ୍ୟ ସେବନ କଲେ ଜରେ ବ୍ୟକ୍ତି ସୁସ୍ଥ ଜୀବନଶୈଳୀ ଅତିବାହିତ କରିବ । ୨୧-୫୬ ବର୍ଷ ବିଷୟ ଲୋକଙ୍କୁ ଏଥିରେ ସାମିଲ କରାଯିବା ସହ ସେମାନଙ୍କୁ ନିୟମିତ ଭାବେ ଏକ ଖାଦ୍ୟ ତାଲିକା ଅନୁସାରେ ଭୋଜନ କରିବାକୁ ପରାମର୍ଶ ଦିଆଗଲା । କମ ତେଲରେ ରନ୍ଧା ଖାଦ୍ୟ ସହ ଉଷୁମ ପାଣି ପିଇବା ପ୍ରଥମରୁ କୁହାଗଲା । ସାଲାଡ, ଫଳମୂଳ, ସବୁଜ ପନିପରିବା ଡାଲଟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଏହି ଲୋକଙ୍କ ମଧ୍ୟରେ କେତେଜଣ ହୃଦଯୋଗୀ ଓ ଉଚ୍ଚରକ୍ତଚାପ ରୋଗୀ ମଧ୍ୟ ଥିଲେ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ଯେ, ୨ବର୍ଷର ଏଭଳି ଖାଦ୍ୟପାନୀୟକୁ ଗ୍ରହଣ କରିବା ପରେ ସେମାନେ ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇଯାଇଥିଲେ । ଗବେଷକଙ୍କ ମତରେ,ଏହି ଲୋକମାନେ ସମସ୍ତେ କର୍ମଜୀବୀ ଥିଲେ ଏଣୁ ଜିମ ଯିବା କିମ୍ବା ବ୍ୟାୟାମ କରିବା ନିମନ୍ତେ ଏମାନଙ୍କ ପାଖରେ ସମୟ ନଥିଲା । ସେଥିନିମନ୍ତେ ନିୟମିତ ଭୋଜନ ପରେ ସେମାନଙ୍କୁ ୩୦-୪୫ ମିନିଟ ଚାଲିବା ପାଇଁ କୁହାଗଲା । ଏହି ଲୋକମାନଙ୍କ ଓଜନ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଥିବାର ମଧ୍ୟ ଦେଖାଯାଇଛି । ମାସକୁ ଥରୁଟିଏ ଏମାନେ ଜଙ୍କଫୁଡ କିମ୍ବା ଫାଷ୍ଟଫୁଡ୍ ଖୁବ୍ ଅଳ୍ପ ପରିମାଣରେ ଖାଉଥିଲେ । କେବଳ ଏକ ଭିନ୍ନ ସ୍ୱାସ ଅନୁଭବ ନିମନ୍ତେ ଗବେଷକ ମୁଖ୍ୟ ସେମାନଙ୍କୁ ଏହି ପରାମର୍ଶ ଦେଇଥିଲେ ।

ପୁରୁଷଙ୍କ ଅପେକ୍ଷା ମହିଳା ଅଧିକ ଚାପଗ୍ରସ୍ତ

ପୁରୁଷଙ୍କ ତୁଳନାରେ ମହିଳା ଅଧିକ ଚାପଗ୍ରସ୍ତ ବୋଲି କରାଯାଇଥିବା ଏକ ସର୍ଭେରୁ ଜଣାପଡ଼ିଛି । ରିପୋଟରେ କୁହାଯାଇଛି ଯେ ପୁରୁଷମାନେ ମହିଳାଙ୍କ ତୁଳନାରେ ଅଧିକ ଖୁସି ଓ ସୁସ୍ଥ ରହିଥାନ୍ତି ଏହି ସର୍ଭେରେ ୧୫୦୦ ମହିଳା ଏବଂ ପୁରୁଷଙ୍କୁ ସାମିଲ କରାଯାଇଥିଲା । ମହିଳାଙ୍କ ଅପେକ୍ଷା ପୁରୁଷମାନଙ୍କ ଓଜନ ବୃଦ୍ଧି ପାଇବା ସହ ସେମାନେ ଅଧିକ ଖୁସିରେ ରହୁଛନ୍ତି ବୋଲି ସର୍ଭେରୁ ଜଣାପଡ଼ିଥିଲା । ଅପରପକ୍ଷେ ୪୯ ପ୍ରତିଶତ ମହିଳା ଚିନ୍ତାଗ୍ରସ୍ତ ଏବଂ କମ୍ ଖୁସି ଥିବା ବୋଲି ଜଣାପଡ଼ିଥିଲା । ମହିଳାମାନେ ଘରର ଚିନ୍ତା ପୁରୁଷମାନଙ୍କଠାରୁ ଅଧିକ କରିଥାନ୍ତି ଯାହା ତାଙ୍କୁ ଅଧିକ ଚାପଗ୍ରସ୍ତ କରିଥାଏ । ପୁରୁଷମାନେ ଏସବୁକୁ ହାଲକା ଭାବେ ନେଇଥାନ୍ତି । ୬୦ ପ୍ରତିଶତ ପୁରୁଷ ମାସକୁ ଥରେ ଚାପଗ୍ରସ୍ତ ରହୁଥିବାବେଳେ ୬୦ ପ୍ରତିଶତ ମହିଳା ସପ୍ତାହର ଅଧିକାଂଶ ସମୟ ଚିନ୍ତା ଗ୍ରସ୍ତ ରହିଥାନ୍ତି । ମହିଳାଙ୍କ ତୁଳନାରେ ପୁରୁଷମାନେ ୭୦ ପ୍ରତିଶତ କମ ଉଦାସ ହୋଇଥାନ୍ତି । ମହିଳାମାନେ ଅଧିକ ସ୍ୱାସ୍ଥ୍ୟ ସଚେତନ ରହୁଥିଲେ ବି ପୁରୁଷଙ୍କ ତୁଳନାରେ ସ୍ୱାସ୍ଥ୍ୟ ଗତ ସମସ୍ୟା ଅଧିକ ଦେଖାଦେଇଥାଏ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ସମୂହ ପ୍ରୟାସ ଲୋଡା...

କରୋନା ମହାମାରୀ ପୁଣି ଥରେ ସମଗ୍ର ବିଶ୍ୱକୁ ଆତଙ୍କିତ କରିବା ଆରମ୍ଭ କରିଛି । ଏହି ମହାମାରୀର ପ୍ରକୋପ ଏପର୍ଯ୍ୟନ୍ତ ନିଃଶେଷ ହୋଇନାହିଁ ଓ ଚୀନ, ଜାପାନ, କୋରିଆ ଭଳି ରାଷ୍ଟ୍ରରେ ଏବେ ପୁଣିଥରେ ଯେଉଁ ମାତ୍ରାରେ ଏହା ବ୍ୟାପୁଛି ତାହା ସମଗ୍ର ବିଶ୍ୱ ପାଇଁ ବିପଦ ବୋଲି ଚେତାବନୀ ଶୁଣାଇଛନ୍ତି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚଓ)ର ଅଧ୍ୟକ୍ଷ ଡକ୍ଟର ଟେଡ୍ରୋସ୍ ଆଧାନୋମ୍ ଘିବ୍ରୋସସ୍ । ଗତ ଦୁଇବର୍ଷ ପୂର୍ବେ ମଧ୍ୟ ସେହି ଚୀନ୍ (ଉହାନ ନଗରୀ)ରୁ ଏହା ଚାରିଆଡ଼େ ସଂକ୍ରମିତ ହୋଇଥିଲା । ଏବେ ଚୀନ୍‌ରେ ଦୈନିକ ପ୍ରାୟ ଦଶ ଲକ୍ଷରୁ ଅଧିକ ଲୋକ କରୋନା ଆକ୍ରାନ୍ତ ହେଉଛନ୍ତି ଏବଂ ଆସନ୍ତା ଦୁଇ ମାସ ମଧ୍ୟରେ ଏହି ସଂଖ୍ୟା ବୃଦ୍ଧି ପାଇ ୫୦ ଲକ୍ଷକୁ ଟପିବ ବୋଲି ଆଶଙ୍କା କରାଯାଉଛି । ଏହା କେବଳ ଆକ୍ରାନ୍ତଙ୍କ ହିସାବ । କିନ୍ତୁ ଏହାଫଳରେ କେତେ ମୃତ୍ୟୁ ଘଟିବ ଓ କରୋନାକୁ ନିୟନ୍ତ୍ରଣ କରିବା ସକାଶେ ଚୀନ ସରକାର ନିର୍ଦ୍ଦିଷ୍ଟ ଭାବେ କି ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି, ତାହା ବେଜିଂ କର୍ତ୍ତୃପକ୍ଷ କାହାକୁ ଜଣାଉ ନାହାଁନ୍ତି । ଏ ସଂକ୍ରାନ୍ତ ସୂଚନା ଅନ୍ୟ ରାଷ୍ଟ୍ରଙ୍କୁ ଓ ଡବ୍ଲ୍ୟୁଏଚ୍‌ଓକୁ ଦେବାଲାଗି ଚୀନ୍‌କୁ ପରାମର୍ଶ ଦେଇଛନ୍ତି ଡକ୍ଟର ଘିବ୍ରେସସ୍ । ବର୍ତ୍ତମାନ ଚୀନ୍‌ରେ କରୋନାର ଯେଉଁ ନୂଆ ଭାରିଆଣ୍ଟ ଆତଙ୍କ ଖେଳାଇଛି ତାହା 'ବିଏଫ୍-୭' ଏବଂ ତାହା ଓମାଇକ୍ରନର ଏକ ଉପ-ଭାରିଆଣ୍ଟ । ଯାହା ଭାରତ ସମେତ ଆଉ କେତେକ ରାଷ୍ଟ୍ରରେ ମଧ୍ୟ ଦେଖାଇ ଦେଇ ସାରିଛି । ଆଜିର ଦୁନିଆ ପରସ୍ପର ସହ ଏଭଳି ଅଭିଛିନ୍ନ ଭାବେ ଜଡ଼ିତ ଏବଂ କରେନା ସଂକ୍ରମଣ ବାୟୁଦ୍ୱାରା ସଂକ୍ରମିତ ହେଉଥିବାରୁ ସମଗ୍ର ବିଶ୍ୱ ପୁଣି ଏକ ବିପଦର ସମ୍ମୁଖୀନ ହେବା ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ । ୨୦୨୦ରୁ କରୋନା ବିଶ୍ୱରେ ଅଭୂତପୂର୍ବ ଧନଜୀବନ ହାନି, ଆର୍ଥିକ କ୍ଷତି ଏବଂ ପରିବର୍ତ୍ତନ ଘଟାଇଛି । ସେଥିରୁ କୌଣସି ରାଷ୍ଟ୍ର ସଂପୂର୍ଣ୍ଣ ରୂପେ ମୁକୁଳି ନାହାଁନ୍ତି । ତାହା ନଯାଉଣୁ ପୁଣିଥରେ ଆଉ ଏକ ନୂଆ ଭାରିଆଣ୍ଟ ଓ ନୂଆ ଲହର ଦେଖାଦେବା ସମସ୍ତଙ୍କ ମନରେ ଭୟ ଜନ୍ମାଇଛି । ଚୀନ ସରକାର କରୋନା ମହାମାରୀକୁ ନେଇ ଏପର୍ଯ୍ୟନ୍ତ କିଛି ସ୍ପଷ୍ଟ କରିନାହାନ୍ତି । ଏହା ସେ ଦେଶର ମୌଳିକ ନୀତି- ଯେକୌଣସି ପ୍ରସଂଗକୁ ଗୁପ୍ତ ରଖିବା । ସେଇ ଗୋପନ ନୀତି ପାଇଁ ବିଶ୍ୱକୁ ଏତେ ମୂଲ୍ୟ ଦେବାକୁ ପଡ଼ିଲା । ଏବେ ପୁଣିଥରେ ସେହି ଅବସ୍ଥା ଘଟିବା ଅସମ୍ଭବ ନୁହେଁ । ଚୀନରୁ ମିଳୁଥିବା ଖବର ଅନୁସାରେ, ଏବେ ସାଂଘାଇ ସମେତ ଦେଶର ବଡ଼ ବଡ଼ ନଗରୀମାନଙ୍କରେ କରୋନା ଆକ୍ରାନ୍ତଙ୍କ ପାଇଁ ନା ଡାକ୍ତରଖାନାରେ ବେଡ୍, ଭେଣ୍ଟିଲେଟର, ଆଇସିୟୁ ମିଳୁଛି, ନା ଔଷଧ । ଏପରିକି ମୃତକଙ୍କ ପାଇଁ ଶବାଗାର ମଧ୍ୟ ଅଭାବ ଓ ସେମାନଙ୍କୁ କିପରି ଭାବେ ସଂସ୍କାର କରାଯିବ ତାହା ସରକାରଙ୍କୁ ବିବ୍ରତ କରିଛି । ସେପରିସ୍ଥଳେ ଯଦି ଆସନ୍ତା ଫେବୃଆରୀ(ଶୀତଦିନ) ସୁଦ୍ଧା ଲଗାତାର ତିନି ତିନିଟି ଲହର ଆସେ ତେବେ ସେଥିରେ ପ୍ରାୟ ୧୦କୋଟି ଲୋକ ଆକ୍ରାନ୍ତ ହେବେ ଓ ୧୦ଲକ୍ଷରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିବ । ଏହି ପୂର୍ବାନୁମାନ ଗାଣିତିକ ଭାବେ କରାଯାଇଛି । ସବୁଠାରୁ ଆଶ୍ଚର୍ଯ୍ୟର କଥା, ଚୀନ୍‌ରେ ଏପର୍ଯ୍ୟନ୍ତ ମାତ୍ର ୩୮% ଲୋକଙ୍କୁ ଟୀକାକରଣ କରାଯାଇଛି । ପୁଣି ଚୀନ ବିଦେଶରୁ ଟିକା ନମଗାଇ ନିଜସ୍ୱ ଟିକା ଉପରେ ନିର୍ଭରଶୀଳ । ଏବଂ ତାହା ଏମଆରଏନଏ ପ୍ରତିଷେଧକ ଟିକା ନୁହେଁ । ଏପରିସ୍ଥଳେ ଏବେ ଚୀନ ଉପରେ ସମସ୍ତଙ୍କ ନଜର ନିବଦ୍ଧ । ବିଶେଷ କରି ଭାରତ ଅଧିକ ସତର୍କ ରହିବା ବାଞ୍ଛନୀୟ । କେବଳ ପ୍ରତିବେଶୀ ରାଷ୍ଟ୍ର ବୋଲି ନୁହେଁ, ଉଭୟ ଦେଶ ମଧ୍ୟରେ ଏବେସୁଦ୍ଧା ପର୍ଯ୍ୟାପ୍ତ ପରିମାଣର ବ୍ୟବସାୟିକ କାରବାର ଜାରି ରହିଛି । ଭାରତ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଲହର ବେଳେ ଯେଉଁ ପ୍ରତିବନ୍ଧତା ପ୍ରଦର୍ଶନ କରିଥିଲା, ଏବେ ପୁଣିଥରେ ସେହି ପର୍ଯ୍ୟାୟକୁ ଫେରିବାକୁ ପଡ଼ିବ । କେବଳ କୋଭିଡ ଆଚରଣ ବିଧି ଅନୁପାଳନ କିମ୍ବା ଟିକାକରଣ ନୁହେଁ, ସାମାଜିକ କ୍ଷେତ୍ରରେ ମଧ୍ୟ ସହଯୋଗର ଆବଶ୍ୟକତା ରହିଛି । ଏଥିପାଇଁ କେନ୍ଦ୍ରଠାରୁ ରାଜ୍ୟ ସରକାର, ଜନସାଧାରଣଙ୍କଠାରୁ ସରକାରୀ ଓ ବେସରକାରୀ ସଂସ୍ଥା ପର୍ଯ୍ୟନ୍ତ ସମସ୍ତଙ୍କର ବିଶେଷ କର୍ତ୍ତବ୍ୟ ଅଛି । ସ୍ମରଣ ରଖିବାକୁ ହେବ, ବିପଦ ଯେତେ ବଡ଼ ହେଉନା କାହିଁକି, ସମୂହ ପ୍ରୟାସ ଓ ପ୍ରତିବନ୍ଧତା ଏହାକୁ ପ୍ରତିହତ କରିବା ସକାଶେ ପର୍ଯ୍ୟାପ୍ତ ।

ଚାଷୀ ହସିଲେ ଦେଶ ହସିବ

ଡ଼ି ଶୁଭମ୍

ଏ ସମାଜ ଓ ସଭ୍ୟତାର ମେରୁଦଣ୍ଡ ହେଉଚି କୃଷି । କୃଷିର ଆଦ୍ୟ ଓଁକାର । ସେଇ କୁଶଳୀ ବିନ୍ଧାଣୀଙ୍କ ଉଦ୍ଦେଶ୍ୟରେ ପ୍ରତିବର୍ଷ ଡ଼ିସେମ୍ବର ୨୩କୁ ଜାତୀୟ କୃଷକ ଦିବସ ଭାବେ ପାଳନ କରାଯାଉଛି । ସାମାଜିକ ଜନଜୀବନ ସହ କୃଷି ସହ ସମ୍ପର୍କ ଢ଼େର ପୁରୁଣା । ଜନସଂସ୍କୃତି ଆଉ କୃଷି ପରସ୍ପରର ପରିପୂରକ । ଖାଦ୍ୟ ମଣିଷର ପ୍ରଥମ ଆବଶ୍ୟକତା । କୃଷି ଆଉ କୃଷକର ସାଥ ବିନା ଖାଦ୍ୟ ସାରା ଦୁନିଆ ପାଇଁ ଏକ ସ୍ୱପ୍ନ ପ୍ରାୟ । ମଣିଷ ଯଦି କାଲି ବଂଚିବା ପାଇଁ କିଛି ନୂଆ ସମ୍ଭାବନା ଦେଖେ ତାହେଲେ କୃଷି ବିନା ଏସବୁ ଦୁଃସ୍ୱପ୍ନ । ଦିନ ଥିଲା ଏ ସମାଜ ସବୁଜିମାର ବଳୟ ଭିତରେ ଆବଦ୍ଧ ହୋଇ ଥିଲା । ପରିବେଶ ସବୁଜର ଆବରଣରେ ବେଶ ଖୁସି ହୋଇ ହସୁଥିଲା । କୃଷିକୁ କଷ୍ଟ ନୁହେଁ ବରଂ ଏକ କର୍ମସିକ୍ତ ଭାବନାରେ ପ୍ରତିପାଦିତ କରାଯାଉଥିଲା । ଚାଷ ଜମି ଥିଲା ଚାଷୀର ସବୁକିଛି । ସଭ୍ୟତା ଓ ସଂସ୍କୃତିର ମାନଦଣ୍ଡ । ଦେଶ ଅର୍ଥନୀତିର ମାପକାଠି ରୂପେ କୃଷିକୁ ହିଁ ବିବେଚନା କରାଯାଉଥିଲା ।

ସମସ୍ତେ ଅନେକ କଥା ଦେଖନ୍ତି, ଅନେକ କଥା ଶିଖନ୍ତି । କିନ୍ତୁ ସେସବୁକୁ ଦୈନନ୍ଦିନ ଜୀବନରେ ଉପଯୋଗ କରିବାର ଦୃଷ୍ଟାନ୍ତ ବହୁତ କମ୍ । ଚାଷ ବିଷୟରେ କାହାକୁ ବା ଅଜଣା । ସମସ୍ତେ ଚାଷ କଣ, ଚାଷ କେମିତି ହୁଏ ଜାଣିଛନ୍ତି । କିନ୍ତୁ କେହି କେବେ ସେ କାମ କରିବାକୁ ଆଗ୍ରହ ପ୍ରକାଶ କରନ୍ତିନି । ନିଛକ ସତ କଥାଟି ହେଲା ଏସି ରୁମ୍ ଚୟାର ଟେବୁଲ ଛାଡ଼ି ଏ ବିଲ ବାଡ଼ି କାମ କିଏ ବା କରିବ । ସକାଳ ୧୦ଟା ବାଜିଲେ ଅଫିସ ଯାଅ ଆଉ ସଂଧ୍ୟା ହେଲେ ପାର୍କ ଆଉ ସିନେମା । ଏ କାଦୁଅ ବିଲକୁ ଆମେ ବା କାହିଁ ଯିବୁ । ଯିଏ ତ କରିବା କଥା କରୁଛି, ଆମେ ବଜାର ଯିବୁ, କିଣିବୁ ଖାଇବୁ । ଏ ହେଉଛି ଏବେକାର ସମାଜର ଜ୍ୱଳନ୍ତ ପ୍ରତିଛବି । ଆମେ ନ ମାନିଲେ ବି ଏହା ସତ୍ୟ ।

ଶ୍ୟାମଳ ସୁବର୍ଣ୍ଣ ୨୦୧୮ ମସିହାରେ ଯେବେ ଆରମ୍ଭ କରିବାର ଚେଷ୍ଟା କରିଥିଲି ସେବେ ଚାଷ କଣ ଜାଣିନଥିଲି, କେବଳ କ୍ଲାସରୁମର ଶିକ୍ଷା ଭିତରେ ସୀମିତ ଥିଲି । ନା କୌଣସି ଚାଷୀଙ୍କ ସହ ମିଶିଥିଲି ନା ସେ ଚାଷର ଗହନ କଥାକୁ ବୁଝିଥିଲି । ପରବର୍ତ୍ତୀ ସମୟରେ ଅନେକ ଗାଁକୁ ଗଲି, ଚାଷୀଙ୍କ ସହ ମିଳିଲି । ସେମାନଙ୍କ ସହ କ୍ଷେତରେ ସମୟ ବି କାଟିଲି । ସେବେ ଜାଣିଲି ଏ କୁଶଳୀ କାରିଗର ମାନଙ୍କ ମହନୀୟତା ବିଷୟରେ । ପତ୍ରିକାରେ ସବୁ ସଂଖ୍ୟାରେ ସେଥିପାଇଁ କେବଳ କୃଷି ଭିତ୍ତିକ ତଥ୍ୟକୁ ସ୍ଥାନ ଦେବାକୁ ଚେଷ୍ଟା କରିଛି । ତେବେ ଏ ଭିତରେ ଚାଷୀଙ୍କ ସହ ମିଶି ସେମାନଙ୍କ ଚାଷ ପ୍ରତି ଆଗ୍ରହ ହେଉ କିମ୍ବା ସେମାନଙ୍କ କାର୍ଯ୍ୟଦକ୍ଷତା ଓ ନିପୁଣତା ବିଷୟରେ ଅନେକ କିଛି ଜାଣିବାକୁ ପାଇଲି ।

୨୦୨୦ ମାର୍ଚ୍ଚରୁ ଏବେ ଯାଏଁ ଗୋଟିଏ ଶବ୍ଦ ଯାହା ଆମ ଭିତରେ ଭୟ ସଂଚାର କରି ଚାଲିଛି ସେ ହେଉଛି କରୋନା । ଆଶା ଓ ଆଶଙ୍କାର ଆବରଣରେ ବାନ୍ଧି ହୋଇଯାଇଛନ୍ତି ଜନସାଧାରଣ । ଗୋଟେ ସମୟରେ ସାରା ଭାରତ ଏକପ୍ରକାର ତାଲାବନ୍ଦ ଅବସ୍ଥାରେ ଥିଲା । ଜନଜୀବନ ସ୍ତବ୍ଧ । ସବୁଆଡ଼େ ଖାଁ ଖାଁ । ଏହି ତାଲାବନ୍ଦ ଯୋଗୁଁ ଗରିବ, ଖଟିଖିଆଙ୍କର କାମଦାମ ଏକପ୍ରକାର ବନ୍ଦ ହୋଇଯାଇଥିଲା । ତେବେ ଏହାରି ଭିତରେ ଥକି ପଡ଼ିନାହିଁ ଚାଷୀ । କାହିଁକି ନା ଯଦି ସେ ବସିପଡ଼ିବ, ଥକିପଡ଼ିବ ତାହେଲେ ଦି ଓଳି ଦାନା ଦି ମୁଠା ପେଟକୁ ଯିବା ସ୍ୱପ୍ନ ହୋଇଯିବ । ସେ ଛୁଟି କଣ ଜାଣିନି । ସେ ଥକ୍କାପଣ କଣ ଜାଣିନି । ସେ ଜାଣିନି ମଉଜମଜିଲିସର ମହକ । କେବଳ ଏତିକି ଜାଣିଛି ସେ ଚଷା ଘରପୁଅ । ଖଟିଲେ ଖାଇବ । ଚାଷ କଲେ ଦୁନିଆ ଚଳିବ । ସବୁଲୋକଙ୍କ ମୁହଁରେ ଖାଦ୍ୟ ଦେବା ପାଇଁ ସେ ଅବିରତ ସଂଗ୍ରାମ କରିଚାଲେ । ସଂଘର୍ଷକୁ ଆଦରି ବେଶ ଖୁସିରେ ନିଜ କର୍ମ ସମ୍ପାଦନ କରେ । ସେଇଥିପାଇଁ ତ ସେ ମହାନ ।

ଚାଷୀକୂଳର ବିକାଶ ଦିଗରେ ସରକାକଙ୍କ ଦ୍ୱାରା ଅନେକ ଯୋଜନା ପ୍ରଣୟନ ହୋଇଛି । ହେଲେ ସବୁଠୁ ବଡ଼ କଥା ଏହା କେତେଦୂର କାର୍ଯ୍ୟକାରୀ ହୋଇପାରିଛି । ତେବେ ୨୦୧୩-୧୪ ବର୍ଷର ଆର୍ଥିକ ବର୍ଷରେ ୭୧୬୨କୋଟି ଟଙ୍କାର ବଜେଟ୍ ଆଗତ ହୋଇଥିବା ବେଳେ ଏବର୍ଷ ଏହା ଠାରୁ ଯଥେଷ୍ଟ ୩ଗୁଣା ଅଧିକ ହୋଇଛି । ରାଜ୍ୟ ସରକାର ଆଣିଥିବା କାଳିଆ ଯୋଜନା ଏକ ଯୁଗାନ୍ତକାରୀ ପଦକ୍ଷେପ ଅଟେ । ପରନ୍ତୁ କେତେକ ଅସାଧୁ ଲୋକବି ଏହି ଯୋଜନାର ଫାଇଦା ଉଠାଇଥିବାର ଲକ୍ଷ୍ୟ କରାଯାଇଥିଲା, ଯାହା ଅତି ଦୁଃଖର ବିଷୟ । ଏହା ଛଡ଼ା ସୌର ଜଳନିଧି ଯୋଜନା ଯାହା ଜଳସେଚନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ ଆରମ୍ଭ ହୋଇଛି । ରାଜ୍ୟ ସରକାରଙ୍କର ଚାଷୀ ମାନଙ୍କ ପାଇଁ ବଳରାମ ଯୋଜନା, ସଫଳ ଯୋଜନା, ଗୋ ସୁଗମ ପରି ବିଭିନ୍ନ ବିକାଶୋନ୍ମୁଖୀ ଯୋଜନା ଏବେ ଚାଷୀଙ୍କ ପ୍ରଗତି ଦିଗରେ କାମ କରୁଛି । ଏତଦବ୍ୟତୀତ ଓଡ଼ିଶାରେ ମିଲେଟ ମିଶନ ଏବେ ଏକ ଯୁଗାନ୍ତକାରୀ ପଦକ୍ଷେପ । ପୁଷ୍ଟିଶସ୍ୟର ପ୍ରସାର ପ୍ରସାର ସହ ରାଜ୍ୟରେ ଏହା ଏବେ ଏକ ବିପ୍ଳବ ଭାବରେ ପରିଣତ ହୋଇଛି । ସବୁ ସମୟରେ କେବଳ ଓଡ଼ିଶା ନୁହେଁ,ଭାରତରେ ମଧ୍ୟ ବିଭିନ୍ନ ରାଜ୍ୟମାନଙ୍କରେ ଚାଷୀ ମାନେ ନିଜ ହକ୍ ପାଇଁ ଆନ୍ଦୋଳନ କରୁଛନ୍ତି । ନାସିକ୍ ଠାରେ ଏକ ବିରାଟ ପଦଯାତ୍ରା ଏହାର ଉଦାହରଣ କିନ୍ତୁ ପରିତାପର ବିଷୟଏହିକି ଯେ ସରକାର ଏହାକୁ ଦୃଷ୍ଟିଦେଉନାହାନ୍ତି ନା ଏଥିପ୍ରତି ଅବହେଳା କରୁଛନ୍ତି । ସତରେ ବୁଝି ହୁଏନା ଏହା ଅବହେଳା ନା ଜାଣିଶୁଣି ନ କରିବାର ଏକ ବାହାନା । ଓଡ଼ିଶାର ୭୦ ଭାଗ ଲୋକ ଚାଷ ଉପରେ ନିର୍ଭରଶୀଳ । କ୍ଷେତରେ ଖଟିଲେ ଚାଷୀଟିଏ ପରିବାର ପୋଷେ । କିନ୍ତୁ ଯଦି ସେଇ ଚାଷୀକୁ ଅଣଦେଖା କରାଯାଏ, ଏହା କଣ ଅନ୍ୟାୟ ନୁହେଁ? ଥରେ ନିଜ ଅନ୍ତରାତ୍ମାକୁ ପଚାରିଲେ – ଚାଷୀଟିଏ କଣ କେବେ ବଡ଼ବଡ଼ ଘର, ଗାଡ଼ି ଏସବୁ ସରକାରଙ୍କ ପାଖେ ମାଗିଥାଏ: ନା କେବେ ନୁହେଁ ବରଂ ନିଜ ସାଭିମାନ ପାଇଁ ସରକାରଙ୍କ ପାଖେ ଅଭିମାନ କରେ । ହେଲେ ଆଜି ଏସବୁ ନିଷ୍ଫଳ । ସେସବୁ ଅଭିମାନକୁ ଶୁଣିବା ଦୂରକଥା ବରଂ ଥରେ ହେଲେ ବି ଏହାର ସଫଳ ରୂପାୟନ କଥା ଚିନ୍ତା ହୋଇନି । ଯେଉଁ ଚାଷୀକୂଳ ଭିଜାମାଟିରେ କର୍ଷଣ କରି ଶ୍ୟାମଳ ଜମିରେ ସୁବର୍ଣ୍ଣ ପରିପାଟୀର ଦୃଷ୍ଟି ଆକର୍ଷଣ କରେ, ଆଜି ସେମାନଙ୍କ ଦାବି ଶୁଣିବାକୁ କେହି ବି ପ୍ରସ୍ତୁତ ନୁହେଁ ।

୧୯୯୯ର ମହାବାତ୍ୟା ହେଉ, ହୁଡ଼ହୁଡ଼, ତିତଲି, ଫନି ପରି ବାତ୍ୟାର ବିଭୀଷିକା ହେଉ କି ଚକଡ଼ା ପୋକର ବିପାତ ହେଉ, ଏସବୁଥିରେ ବେଶ ସୁଦୃଢ଼ ମନୋବଳ ସହ ଚାଷୀ ଏହାକୁ ସାମ୍ନା କରିଛି, ମୁକାବିଲା ବି କରିଛି ଆଉ ଅଂଟା ସଳଖି ଠିଆ ହେଇଛି । ଯେଉଁ ବାତ୍ୟା ଦିନେ ଚାଷ ଜମିକୁ ବିପର୍ଯ୍ୟସ୍ତ କରିଥିଲା, ପୁଣି ସେ କ୍ଷେତରେ ଫରଫର ହେଇ ଧାନ କେଣ୍ଡା ହସିଛି, ପୁଣି ସୋରିଷର ମହମହ ବାସ୍ନା ସାଙ୍ଗକୁ ହଳଦୀର ଆବରଣରେ ପରିବେଶ ବି ମୁଗ୍ଧ ହୋଇଛି । କିନ୍ତୁ ଚାଷୀ କେବେ ବସିନି । ଚାଷୀ ମନଦୁଃଖ କରିଛି, ଅନୁତାପ କରିଛି କିନ୍ତୁ ନିଜ କର୍ତ୍ତବ୍ୟ ପଥରୁ ବିଚ୍ୟୁତ ହୋଇନାହିଁ । ସେ ସୃଷ୍ଟି କରିଛି ଆଦର୍ଶ ଓ ବାସ୍ତବତାର ନୂଆ ଏକ ରୂପରେଖ । ସେ କାଦୁଅ ବିଲରେ ପଶେ କିନ୍ତୁ ଶେଷରେ ସୁବର୍ଣ୍ଣର ମାହୋଲ ବି ରଚନା କରିଦିଏ । ଆଉ ଏଇ କରୋନାର ଭୟାବହତା ଆଉ ଡ଼ର ଭିତରେ ସମସ୍ତେ ଆମେ ଘରେ ସୁରକ୍ଷିତ ରହୁଛନ୍ତି ସତ କିନ୍ତୁ ଚାଷୀର ମନ ସେଇ ଚାଷ ଜମିରେ । ସେ ପରା ତାର ମାନସ ସନ୍ତାନ । ଦିହେଁ ଦୁହିଁଙ୍କୁ ଛାଡ଼ି କେମିତି ବି ରହିବେ । ବର୍ଷ ବର୍ଷ ଧରି ଏଇ ଅତୁଟ ସମ୍ପର୍କକୁ ଯିଏ ଛିନ୍ନ କରିପାରିନି, ଏ ଭୟାବହତା କଣ ବା କରିବ । ଆଜି ବି ଚାଷୀ ଚାଷ ଜମିରେ ବେଶ ଖୁସିରେ ଚାଷ କରୁଛି । ସରକାରଙ୍କ ନିର୍ଦ୍ଦେଶକୁ ପାଳନ କରୁଛି ।

ଧାନ ଓଡ଼ିଶାର ମୁଖ୍ୟ ଫସଲ । ଓଡ଼ିଶାର ଅର୍ଦ୍ଧେକାଂଶ ଚାଷୀ ଧାନ ଉପରେ ନିର୍ଭରଶୀଳ । ଏବେ ଖରିଫ ଋତୁରେ ଧାନ ଚାଷ ହେବା । ବହିନ ବୁଣା ଆରମ୍ଭ ହେବ । ତଳି ପଡ଼ିବା ରୁଆ ହେବ । ଏମିତି ଅନେକ କିଛି କଥା ।। ଏଇ କିଛିଦିନ ତଳେ ସମସ୍ତେ ମାତୃ ଦିବସ ପାଳନ କଲେ, ମାର ଅବଦାନକୁ ସ୍ମରଣ କରିବା ପାଇଁ ଏଇ ଦିନଟିକୁ ସମସ୍ତେ ବେଶ ଖୁସିରେ ମନେଇଲେ । ସୋସିଆଲ ମଡ଼ିଆରେ ମା'ଙ୍କ ପାଇଁ ବେଶ ଶିକ୍ଷଣୀୟ ବାର୍ତ୍ତା ବି ଦେଖିବାକୁ ମିଳିଲା । ଏଇସବୁ ଭିତରେ ମୁଁ ସେମିତି ଜଣେ ଚାଷୀଙ୍କୁ ଭେଟିଥିଲି ଯିଏ ନିଜ ମା'ଙ୍କ ଆଦର୍ଶକୁ ଗ୍ରହଣ କରି ଚାଷ କରିବାକୁ ଆଗ୍ରହ ପ୍ରକାଶ କଲେ । ସବୁଥିରେ ପାରଙ୍ଗମ । ସୁନ୍ଦରଗଡ଼ ଜିଲ୍ଲାର ସୁକାନ୍ତି ଭିତିରିଆ । ମା'ଙ୍କ ଉପରେ ମୁଁ ତାଙ୍କୁ କିଛି ପ୍ରଶ୍ନ କରିବା ପୂର୍ବରୁ ସେ ବେଶ ଚମତ୍କାର ଭାବରେ ପ୍ରଥମ ଧାଡ଼ି କହିଗଲେ – ମୋ ମା' ମୋ ପାଇଁ ସବୁକିଛି । ଆଜି ମୁଁ ଯାହା ବି ହେଇଛି ସବୁ ମୋ ମା' ପାଇଁ । ଜଣେ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ହୋଇ ଘରେ ସୃଷ୍ଟି କରିଛନ୍ତି ପାକଶାଳା ବଗିଚାର ମାହୋଲ । ପାକଶାଳା ବଗିଚା ଏବେ ଏକ ଲୋକପ୍ରିୟ ସହରାଂଚଳ କୃଷିର ଉଦାହରଣ । ତେବେ କଥାଛଳରେ ସେ ବଖାଣିବସିଲେ ପରିବାରର କଥା । ଆଉ ମୁଁ ବୁଝି ପାରିଲି ଜଣେ କେବଳ ଚାଷ ଶିଖିଲେ ଯେ ଚାଷ କରିପାରିବ, ସେ କଥା ନୁହେଁ । ଚାଷ ପାଇଁ ଦରକାର ଦୃଢ଼ ମନୋବଳ ଆଉ କଠିନ ଇଚ୍ଛାଶକ୍ତି । ଯାହା ତାଙ୍କ ମା' ହିଁ ଆରମ୍ଭ କରିଥିଲେ । ଆଉ ଆଜି ତାଙ୍କ ମା'ଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବି ସୃଷ୍ଟି କରିଛନ୍ତି ଉଦ୍ୟାନ କୃଷିର ବେଶ କିଛି ନୂଆ ଢ଼ାଂଚା ।

ସେଇଠାରୁ ବୁଝିଗଲି ଚାଷୀର ସଂଜ୍ଞା ପାଇବା ସତରେ ବଡ଼ କଷ୍ଟ । ଆମେ ତିନି ଚାରି ଘଂଟା କ୍ଷେତକୁ ଗଲେ ହାତ ଦରଜ ହୋଇ ଦୁଇ ଦିନ ଆରାମ କରୁଥିବା ବେଳେ ସେ ଦିନରୁ ରାତିଯାଏଁ ବେଶ ଆନନ୍ଦରେ ନିଜ କାମକୁ ଉପଭୋଗ କରେ । ସତେ ଯେମିତି ଏ ମାଟିର ସବୁ କଣିକାକୁ ସେ ବେଶ ଭଲ ଭାବରେ ଚିହ୍ନିଯାଇଛି ।

କୃଷି ସ୍ନାତକୋତ୍ତର
(ମୃତ୍ତିକା ବିଜ୍ଞାନ),
ସୋଆ, ଭୁବନେଶ୍ୱର
ମୋ- ୯୪୩୮୪୬୭୦୭୯

ସର୍ପାଘାତ ଚିନ୍ତା

ବୈଷ୍ଣବ ମେହେର

ଗତ ମାସରେ ପ୍ରକାଶିତ ଏକ ବିଶ୍ୱସ୍ତରୀୟ ତଥ୍ୟ ଅନୁଯାୟୀ ୨୦୧୯ ମସିହାରେ ସର୍ପାଘାତ ଯୋଗୁଁ ବିଶ୍ୱରେ ୬୩ ହଜାର ଲୋକଙ୍କ ମୃତ୍ୟୁ ଘଟିଛି । ଏ କଥା ଯେତିକି ଚିନ୍ତାଜନକ ତା'ଠାରୁ ଢେର ଅଧିକ ଉଦବେଗର ବିଷୟ ଯେ, ଏଥି ମଧ୍ୟରୁ ୮୦ ପ୍ରତିଶତରୁ ଅଧିକ ଅର୍ଥାତ ୫୧ ହଜାର ମୃତକ କେବଳ ଭାରତୀୟ ରହିଛନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ସର୍ପାଘାତ ମୃତ୍ୟୁକୁ ୨୦୩୦ ସୁଦ୍ଧା ଏକ ନିର୍ଦ୍ଧାରିତ ସଂଖ୍ୟାରେ ସୀମିତ ରଖିବାର ଯୋଜନା ରହିଥିବା ବେଳେ ଭାରତ ଭଳି ଦେଶରେ ତତଜନିତ ମୃତ୍ୟୁହାର ଅଧିକ ପରିଲକ୍ଷିତ ହେଉଛି । ଭାରତରେ ସଡ଼କ ଦୁର୍ଘଟଣା ପରେ ସର୍ପାଘାତରେ ହିଁ ସବୁଠାରୁ ଅଧିକ ଲୋକଙ୍କ ଅକାଳ ମୃତ୍ୟୁ ଘଟୁଥିବା ଜଣାଯାଏ । ଆମ ଦେଶରେ ସାପ କାମୁଡ଼ା ଓ ଏହାର ବିଷକ୍ରିୟା ଜନିତ ମୃତ୍ୟୁର ଅନେକ କାରଣ ରହିଥିଲେ ମଧ୍ୟ ଏଠାରେ ମୃତ୍ୟୁହାର ଅତ୍ୟନ୍ତ ଉଚ୍ଚା ରହିବାର ସବୁଠାରୁ ମୁଖ୍ୟ କାରଣ ହେଉଛି ଆଣ୍ଟିଭେମ୍ ର ଅନୁପଲବ୍ଧତା । ଦେଶରେ ଘାତକ ସାପର ଆଣ୍ଟିଭେନମ୍ ପର୍ଯ୍ୟାପ୍ତ ପରିମାଣରେ ଉପଲବଧ ଥିଲେ ହେଁ, ବିଶେଷ କରି ଗ୍ରାମାଂଚଳରେ ସୁଚାରୁ ରୂପେ ଏହାର ଆବଣ୍ଟନ ହୋଇ ନ ପାରିବା ସର୍ପାଘାତ ପିଡ଼ିତଙ୍କ ମୃତ୍ୟୁ ସଂଖ୍ୟା ବଢ଼ାଇ ଦେଉଛି ।

ପୁନଶ୍ଚ ଆମ ଦେଶରେ ସାପକୁ ନେଇ ଲୋକଙ୍କ ମନରେ ଅନେକ ପ୍ରକାର ଅନ୍ଧବିଶ୍ୱାସ ରହିଛି । ବିଜ୍ଞାନ ଯୁଗର ମଣିଷ ବିକାଶର ଚରମ ସୀମାକୁ ଛୁଇଁ ଥିଲେ ହେଁ, ଏବେ ବି ସାପ କାମୁଡ଼ିଲେ ଡାକ୍ତରି ଚିକିତ୍ସା କରିବା ପରିବର୍ତ୍ତେ ଅନେକ ଲୋକ ଝଡ଼ାଫୁଙ୍କା ଉପରେ ବିଶ୍ୱାସ କରିଥାନ୍ତି । ଫ

ମିନା ଅପାଙ୍କ ରାମାୟଣ ଟୁଙ୍ଗି (୬୮)

ବିଭୀଷଣଙ୍କ ଅପମାନ ଓ ରାମଙ୍କ ପାଖକୁ ଗମନ

କାର୍ତ୍ତିକ ସାଇଁ

(ପୂର୍ବ ପ୍ରକାଶିତ ଉତ୍ତାରୁ)

"ଚିନ୍ତିତ ରାବଣଙ୍କୁ ରାଜସଭାରେ ବିଭିନ୍ନ ମନ୍ତ୍ରୀ ଓ ସଂପର୍କୀୟମାନେ ବିଭିନ୍ନ ପ୍ରକାର କଥା କହୁଥିଲେ । କୁମ୍ଭକର୍ଣ୍ଣ ରାବଣଙ୍କୁ ପ୍ରତିଶ୍ରୁତି ଦେଇଥିଲା- ସେ ରାମ ଲକ୍ଷ୍ମଣଙ୍କୁ ହତ୍ୟା କରି ବାନର ସେନାଙ୍କୁ ନିପାତ କରିବ ।" ମିନା ଅପା ରାମାୟଣ କଥା ଆରମ୍ଭ କଲେ ।

ରାବଣର ଜଣେ ମନ୍ତ୍ରୀ ଥିଲା ଯାହାର ନାମ ମହାପାର୍ଶ୍ୱ । କୁମ୍ଭକର୍ଣ୍ଣର ଉପଦେଶ ବାକ୍ୟ ଶୁଣି ସେ ରାବଣ ପାଖକୁ ଗଲା ଓ ରାବଣକୁ ନଡରିବାକୁ କହିଲା । "ରାମର ସ୍ତ୍ରୀକୁ ହରଣ କରି ଆଣିଥିବାରୁ ନିଜକୁ ଛୋଟ ବୋଲି ଭାବନ୍ତୁ ନାହିଁ । ଆପଣଙ୍କ ପରାକ୍ରମ ସାରା ବିଶ୍ୱବ୍ରହ୍ମାଣ୍ଡ ଜାଣେ । ଆପଣଙ୍କ ପାଖରେ



କୁମ୍ଭକର୍ଣ୍ଣ ଓ ଇନ୍ଦ୍ରଜିତଙ୍କ ପରି ବୀର ଅଛନ୍ତି । ଆପଣ ନିଜ ବାହୁବଳରେ ଦେବତାମାନଙ୍କୁ ହରାଇ ତାଙ୍କୁ ଆପଣଙ୍କ ବଶ୍ୟତା ସ୍ୱୀକାର କରାଇଛନ୍ତି । ଆମେମାନେ ଆପଣଙ୍କ ଲାଗି ଜୀବନ ଦେଇ ଆପଣଙ୍କୁ ସୁରକ୍ଷିତ ରଖିବୁ ।" ମହାପାର୍ଶ୍ୱ କଥା ଶୁଣି ଦଶାନନ ଟିକେ ହାଲକା ଅନୁଭବ କଲା ଓ ପୁଣି ଦମ୍ଭରେ ଘୋଷଣା କଲା- ସେ ରାମ ଓ ତାର ବାନର ସେନାକୁ ବଧ କରି ସୀତାଙ୍କୁ ନିଜର କରିବ । ରାବଣ ଜାଣିଥିଲା, ସେ ସୀତା ବା ଅନ୍ୟ କୌଣସି ନାରୀଙ୍କ ସହିତ ବଳକ୍ୱାର କରିପାରିବନି । ବଳକ୍ୱାର କଲେ ଦେବୀ ଅଭିଶାପ ଲାଗି ସେ ଭସ୍ମ ହୋଇଯିବ ।

ସଭାରେ ଏହି ସବୁ କଥାବାର୍ତ୍ତା ଚାଲିଥିଲା ବେଳେ ରାବଣର ସାନଭାଇ ବିଭୀଷଣ ସେଠାରେ ଉପସ୍ଥିତ ଥିଲେ । ସେ ଉଠି ପଡ଼ିଲେ ଓ ବଡ଼ଭାଇ ରାବଣଙ୍କୁ ତାଙ୍କ ମନ୍ତ୍ରଣା ଦେଲେ । - "ହେ ମହାବୀର ଦଶାନନ ଆପଣ କପଟରେ ସୀତାଙ୍କୁ ହରଣ କରି ଅନ୍ୟାୟ କରିଛନ୍ତି । ଦଶରଥ ପୁତ୍ର ଶ୍ରୀରାମ ସୃଷ୍ଟିର ଶ୍ରେଷ୍ଠ ଧନୁର୍ଦ୍ଧର । ତାଙ୍କ ସହିତ ଶତ୍ରୁତା କରି ନିଜର କ୍ଷତି କରନ୍ତୁ ନାହିଁ । ସୀତାଙ୍କୁ ଫେରାଇ ଦେଇ ଆପଣ ସୁଖରେ ଏ ପୃଥିବୀ ଉପରେ ରାଜତ୍ୱ କରନ୍ତୁ । ଆପଣଙ୍କ ପାଖରେ କୁମ୍ଭକର୍ଣ୍ଣ ଓ ଇନ୍ଦ୍ରଜିତଙ୍କ ପରି ବୀର ଥାଇପାରନ୍ତି । ମାତ୍ର ସେମାନେ ରାମଙ୍କ ସହିତ ଯୁଦ୍ଧ କରି ହାରିବେ ।

ବିଭୀଷଣଙ୍କ ଏପରି କଥା ଶୁଣି ରାବଣର ପୁତ୍ର ଇନ୍ଦ୍ରଜିତ୍ ଭଡ଼ିକି ଉଠିଲା ଓ ବିଭୀଷଣଙ୍କୁ ଏପରି କହିଲା- "ଆପଣ ଋଷି ବିଶ୍ରବାଙ୍କ ପୁତ୍ର ଓ ମହାରାଜ ରାବଣର ସାନଭାଇ । ଆପଣଙ୍କୁ ଏପରି ଡରିବା ଶୋଭା ଦିଶେନି । ଆପଣ ଜାଣିଛନ୍ତି, ମୁଁ ସ୍ୱର୍ଗକୁ ଯାଇ ଦେବତାଙ୍କ ରାଜା ଇନ୍ଦ୍ରକୁ ବାନ୍ଧିକରି ଆଣିଥିଲି । ଆମ ବଳ ଉପରେ ଆପଣ ସନ୍ଦେହ କରିବା ଉଚିତ୍ ନୁହେଁ । ଆପଣ ଦେଖିଛନ୍ତି । ରାମ ଦୂତ କପିକୁ କିପରି ବାନ୍ଧି ମୁଁ ମହାରାଜାଙ୍କ ସମ୍ମୁଖକୁ ଆଣିଥିଲି । ଆପଣ ଅଯଥା ଆମକୁ ନିରୁତ୍ସାହିତ କରନ୍ତୁ ନାହିଁ ।

ଇନ୍ଦ୍ରଜିତର କଥା ଶୁଣି ବିଭୀଷଣ ଦୁଃଖୀ ହେଲେ ଓ ସେ କେବଳ ଏତିକି କହିଲେ- ହେ ପୁତ୍ର, ତୁମେ ଶ୍ରୀରାମଙ୍କ ବଳ ସଂପର୍କରେ ଜାଣିନାହଁ । ତାଙ୍କ ସହିତ ଯୁଦ୍ଧ କରିବାକୁ ତୁମେ ମାନେ ସମର୍ଥ ହେବନି । ଅଚିରେ ଆମର ବଂଚିବା ନାଶ ହେବ । ଭ୍ରାତା ରାବଣ ସହିତ ଆମ ସମସ୍ତଙ୍କ ନାଶ ଅବଶ୍ୟମ୍ଭାବୀ ।

ବିଭୀଷଣଙ୍କ ଏପରି କଥା ଶୁଣି ରାବଣ ଆଉ ନିଜକୁ ସମ୍ଭାଳି ପାରିଲାନି । ସେ ନିଜର ଖଡ଼ଗ ଧରି ବିଭୀଷଣଙ୍କ ଆଡ଼େ ଧାଇଁଗଲା ଓ କହିଲା ତୁ ମୋର ଭାଇ ନୁହେଁ, ତୁ ମୋର ଶତ୍ରୁ । ତୁ ମୋ ଶତ୍ରୁଙ୍କୁ ମୋର ସବୁ ଛିଦ୍ର କହୁଛୁ । ନହେଲେ ଗୋଟେ ସାଧାରଣ ବାନର ଆସି ଲଙ୍କାକୁ ଛାରଖାର କରିନଥାନ୍ତା । ଆଜି ତୋତେ ହତ୍ୟା କରି ମୁଁ ମୋ ଶତ୍ରୁକୁ ରାଜ୍ୟରୁ ନିପାତ କରିବି । ଏହା କହି ରାବଣ ବିଭୀଷଣଙ୍କୁ ଖଡ୍‌ଗରେ ପ୍ରହାର କରିବାକୁ ଉଦ୍ୟତ ହୁଅନ୍ତେ ତାକୁ ଇନ୍ଦ୍ରଜିତ୍ ଓ ପ୍ରହସ୍ତ ଅଟକାଇଲେ ଓ ନିଜ ଭାଇକୁ ହତ୍ୟା କରିବା ଉଚିତ୍ ନୁହେଁ ବୋଲି କହିଲେ ।

ରାବଣ କ୍ରୋଧରେ ଥରୁଥିଲା । ସେ ବିଭୀଷଣଙ୍କ ପାଖରେ ଛିଡ଼ା ହୋଇଥିଲା । ସେ ବିଭୀଷଣଙ୍କୁ ଜୋରରେ ଏକ ଗୋଇଠା ମାରିଲା ଓ କହିଲା "ତୋ ପରି କୁଳାଙ୍ଗାର ଲଙ୍କା ନଗରୀରେ ରହିବା ଦରକାର ନାହିଁ । ମୁଁ କାଲିଠାରୁ ତୋତେ ଲଙ୍କାରେ ଦେଖିବାକୁ ଚାହୁଁନି । ତୋତେ ଲଙ୍କାରେ ପାଇଲେ ନିଶ୍ଚୟ ହତ୍ୟା କରିବି ।

ସଭାରେ ବିଭୀଷଣ ବଡ଼ ଅପମାନିତ ଅନୁଭବ କଲେ । ସେ ଜାଣିଗଲେ ରାବଣର ମୃତ୍ୟୁ ପାଖେଇ ଆସୁଛି । ସେ ବର୍ତ୍ତମାନ ଭଲ ଉପଦେଶ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହେଁ । ଏକଥା ମଧ୍ୟ ବିଭୀଷଣଙ୍କ ମନକୁ ଆସିଲା । ସେ ନ୍ୟାୟ ଓ ଧର୍ମର ସମର୍ଥନ କରିବେ । ତେଣୁ ସେ ଲଙ୍କା ନଗରୀ ଛାଡ଼ି ଶ୍ରୀରାମଙ୍କ ପାଖକୁ ଯିବାକୁ ସ୍ଥିର କଲେ ।

ରାବଣ ନିଜେ ତାର ମୃତ୍ୟୁକୁ ନିମନ୍ତ୍ରଣ ଦେଇଥିଲା । କଥାରେ ଅଛି ବିନାଶ କାଳରେ ବିପରୀତ ବୁଦ୍ଧି ଆସେ ।

ମିନା ଅପା ରାମାୟଣ କଥା ଏଇଠି ରଖିଲେ ।

(କ୍ରମଶଃ)

+ମୋ: ୯୯୮୦୩୦୦୭୫୧

ଭାଇ ବୁଝିଲା ଭାଇର ମନ

ନଗେନ୍ଦ୍ର ନାଥ ପଟ୍ଟନାୟକ

କୋକୁ ଆଉ ପୋକୁ ଦୁଇଭାଇ । ଉତରାଧିକାର ସୂତ୍ରରେ ଦି'ଭାଇ ବାପାଙ୍କ ଅର୍ଜିତ ଧନ ସମ୍ପତି ପାଇଥିଲେ । ଦି'ଜଣଙ୍କ ମନ ନମିଶିବାରୁ ପୈତୃକ ସମ୍ପତିକୁ ଅଧାଅଧା ଭାଗବଂଟା କରିଦେବାକୁ ସେମାନେ ଦିନେ ସ୍ଥିରକଲେ । ସହମତି ଆଧାରରେ ବାପା ଅର୍ଜିତ ଧନସମ୍ପତି ସମାନ ଭାବରେ ବାଂଟକୁଟ ହୋଇଗଲା ଦି' ଭାଇଙ୍କ ଭିତରେ । ଆଉ ଦୁହେଁଯାକ ନିଜ ନିଜ ଭାଗରେ ପଡିଥିବା ଜମିରେ ଚାଷକଲେ ।

ସମୟକ୍ରମେ କୋକୁ ବାହାସାହା ହେଲା । ପିଲାପିଲି ମିଶି ଛ'ଜଣ କୋଳରେ । ଏଣେ ବୋକୁ ବି ହାତକୁ ଦି ହାତ ହେଲା । ଦିନେ ରାତିରେ ପୋକୁ ଭାବିଲା ଆମେ ପ୍ରତ୍ୟେକ ଅଧେ ଜମି ଚଷିବାଟା ଘୋର ଅନ୍ୟାୟ । ମୋ ଭାଇ ତା' ଛ'ଟି ପିଲାର ପେଟକୁ ଦାନମୁଠେ ଦେଇ ପୋଷୁଚି । ଅଥଚ ମୋ କୋଳଶୂନ୍ୟ । ମୋର କେହି ପିଲାକବିଲା ନାହାନ୍ତି । ତେଣୁ ମୋ ଅପେକ୍ଷା ଭାଇ ପାଖରେ ବେଶୀ ଶସ୍ୟ ରହିବା ଦରକାର । ସେଦିନ ରାତିରେ ବୋକୁ ତା'ଖଳାବାଡି ଆଡେ ଧପାଲିଲା । ସେ ଜାଗାରେ ଗହମ କେଣ୍ଡା କେଇଗୋଛା ଗଦା କରିଦେଲା । ତା'ପରେ ସେ ଭାଇର ଚାଷଜମି ଆଡେ ମୁହାଁଇଲା ଆଉ ସେଠାରେ ସେ ଗହମ କେଣ୍ଡା ବିଡାକୁ ଗଦେଇଦେଲା । ଶେଷରେ ଖୁସିରେ ଗଦ୍‌ଗଦ୍ ହେଇ ଲେଉଟିଆସିଲା ଘରକୁ ।

ସେଦିନ ରାତିରେ କୋକୁ ରାତିସାରା ଉଜାଗର ରହିଥାଏ । ବଡଭାଇ ଭଳି ସେ ବି ସେମତି ଭାବୁଥିଲା । ଅଧେ ଜମିରେ ଚାଷ କରିବା ନ୍ୟାୟବିରୁଦ୍ଧ । ବୁଢା ବୟସରେ ସ୍ତ୍ରୀ ଆଉ ବଢନ୍ତା ପିଲାପିଲି ମୋର ଦେଖାରେଖା କରିବେ । ମୋର ତତ୍ତ୍ୱ ନେବେ । କିନ୍ତୁ ବଡଭାଇ ପୋକୁର ତ କେହି ପିଲାପିଲି ନାହାନ୍ତି । ମୋ ପାଖରେ ଏବେ ପ୍ରଚୁର ଖାଦ୍ୟଶସ୍ୟ ମହଜୁଦ । ବାର୍ଦ୍ଧକ୍ୟ ଅବସ୍ଥାରେ ସେତିକି ମୋ ପାଇଁ ଯଥେଷ୍ଟ । ସଂଚିତ ଖାଦ୍ୟସଶ୍ୟରୁ ଅମ୍ୟୁନ କିଛିଟା ବିକାବିକି କରିଦେବା ଉଚିତ ହେବ । ଏଇଆ ଭାବି ସେଦିନ ରାତିରେ ସେ ଲୁଚାଛପାରେ ବହୁତ ଗହମକେଣ୍ଡା ବିଡା ଏକାଠି ଠୁଳକଲା । ସେତକ ବୋହିନେଇ ପୋକୁର ଖଳାରେ ପକେଇଦେଲା । ତା' ପରେ ଘରକୁ ଫେରିଆସି ଆନନ୍ଦ ଅନୁଭବ କରୁଥିଲା ।

ପରଦିନ ସକାଳୁ ଯେତେବେଳେ ବଡଭାଇ ପୋକୁ ଖଳାକୁ ଗଲା ଯାହା ଦେଖିଲା ନିଜ ଆଖିକି ବିଶ୍ୱାସ କରିପାରିଲା ନାହିଁ । ବଡ ଭାଇ କୋକୁକୁ କିଛିଶସ୍ୟ ଦେଲାପରେ ବି ତା'ଅମାରର ଶସ୍ୟ ପରିମାଣ ଅପରିବର୍ତିତ ରହିଛି । ଏଇଆ ଭାବି ସେ ସେ ତାଟକା ହୋଇଗଲା । ମନକୁ ମନ କହିଲା, ମୁଁ ଯେତିକି ନେଇଛି ବୋଲି ଭାବୁଥିଲି ସେତିକି ହୁଏତ ନେଇନଥିବି । ଆଜି ରାତିରେ ଅଧିକ ଶସ୍ୟ ନିଶ୍ଚୟ ନେବି । ଠିକ୍ ସେତିକିବେଳେ ବଡଭାଇ କୋକୁ ତା'ଖଳାରେ ଠିଆ ହୋଇଥିଲା । ସାନଭାଇ ଯାହାଯାହା ଭାବିଥିଲା ଠିକ ସେଇ ଭାବନା ତା'ମନରେ ଖେଳୁଥିଲା । କାରଣ ସେ ଦେଖିଲା ତା'ଶସ୍ୟ ପରିମାଣରେ କୌଣସି ପରିବର୍ତ୍ତନ ଘଟିନି । ମୁହଁସଂଜ ନଇଁ ରାତି ମାଡି ଆସିଲାବେଳକୁ ଦି'ଭାଇ ବହୁତ ଗହମ କେଣ୍ଡା ଗୋଛା ଠୁଳେଇବାକୁ ଲାଗିଲେ ଏବଂ ଲୁଚିଛପି ପରସ୍ପରର ଖଳାରେ ଜମାକଲେ ।

ପରଦିନ ସକାଳୁ ଦେଖିଲାବେଳକୁ ସେଇ ସମାନ କଥା । ବିସ୍ମୟରେ ଦି ଭାଇଙ୍କ ଆଖି ଯୋଡିକ ବଡବଡ ହୋଇଗଲା । ଦି' ଭାଇଯାକ ମନକୁ ମନେ କହିବାକୁ ଲାଗିଲେ-ଏହା ଅସମ୍ଭବ । ଯାହାହେଉ ପଛେ ଆଜି ରାତିରେ କେବେ ଏମିତି ଭୁଲ ହେବନି ।

ତୃତୀୟ ଦିନ ରାତିରେ ଦି'ଭାଇ ଯେଝା ଯେଝାର ଖଳାରୁ ବହୁତ ଗୁଡେ ଗହମକେଣ୍ଡା ବିଡା ଏକାଠି ଠୁଳକଲେ । ବଳଦଗାଡିରେ ସେତକ ଲଦି ପରସ୍ପର ଖଳାରେ ଗଦା କରିଦେଲେ । କିନ୍ତୁ ଦି'ଭାଇ ଜହ୍ନରାତି ଆଲୁଅରେ ଛାଇଟିଏ ଦେଖିଲେ । ସେ ଛାଇଟା କିଏ ହୋଇପାରେ ? କୋକୁ ଆଉ ପୋକୁ ମଝାମଝି ରାସ୍ତାରେ ପରସ୍ପରକୁ ହାବୁଡିଲେ । ଏବେ ଦୁଇଭାଇ କ'ଣ ଘଟିଲା ବୋଲି ଅନୁଭବ କଲେ । ଶେଷରେ ଦି' ଭାଇ ବଳଦଗାଡିର ଦଉଡାକୁ ତଳେ ପକେଇ ପରସ୍ପରକୁ ନିବିଡ ଆବେଗରେ କୁଣ୍ଢାଇ ପକାଇଲେ ।

+ ଓସ୍କାର ସିଟି, ପ୍ଲଟ ନଂ-୪୫୪, ଲେନ ନଂ-୯
ଲକ୍ଷ୍ମୀବଜାର କେନାଲ ରୋଡ,ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

ମୁନିର ପାଣି ବୋତଲ

ଜିନାତମାମ ଦର୍ଜୀ

ମୁନି ଚତୁର୍ଥ ଶ୍ରେଣୀରେ ପଢେ । ନିୟମିତ ସ୍କୁଲକୁ ଯାଏ । ସ୍କୁଲ ଗଲାବେଳେ ସାଥିରେ ପାଣି ବୋତଲ ନେବାକୁ ଭୁଲେନି । ସେ ତାର ସ୍କୁଲ ଅଗଣାରେ ଗୋଟିଏ ଶୁଖିଲା ଫୁଲ ଗଛକୁ ଦେଖେ । ସେ ଜାଣିପାରେ ପାଣି ଅଭାବରୁ ଗଛଟି ଶୁଖି ଯାଉଛି । ତା ମନରେ ଦୁଃଖ ହେଲା ଶୁଖିଲା ଗଛଟିକୁ ଦେଖି । ସେ ଏଥର ପ୍ରତିଦିନ ସ୍କୁଲ ଛୁଟି ପରେ ନିଜର ବଳି ଯାଇଥିବା ପାଣି ବୋତଲର ପାଣି ସେଇ ଶୁଖିଲା ଫୁଲ ଗଛରେ ଢାଳି ଦେଲା । ସେ ନିୟମିତ ଦଶ ବାର ଦିନ ଏମିତି କଲା ପରେ ଗଛରେ ନୂଆଁ ପତ୍ର କଅଁଳିବା ଆରମ୍ଭ କଲା । ଆହୁରି ଆଠ ଦଶ ଦିନ ପାଣି ଦେବା ପରେ ଗଛରେ ଫୁଲ ବି ଫୁଟିଲା । ସେ ଦେଖିକି ଖୁସି ହେଇଗଲା । ତାଳି ମାରି ନାଚିଲା । ସ୍କୁଲ ଶିକ୍ଷକ ଶିକ୍ଷୟତ୍ରୀ ତାର ଖୁବ୍ ପ୍ରଶଂସା କଲେ । ତାକୁ ସାବାସୀ ଦେଲେ । ମୁନି ବଡ଼ ହେଲେ ବଡ଼ ମଣିଷ ହେବ କହିଲେ ।

ମୁନି ଘରକୁ ଫେରି ଏଥର ନିଜ ବଳକା ପାଣି ବୋତଲର ପାଣିକୁ ନିଜ କୁଢ଼ି ଗୁଡିକରେ ଭରି ଅଗଣାରେ ରଖି ଦେଲା । ଛୋଟ ଛୋଟ ଚଢ଼େଇମାନେ ଖରା ଦିନରେ ପାଣି ନ ପାଇ ଦୁଃଖ କରୁଥିଲେ । ଏବେ ମୁନିର କୁଢ଼ି ଗୁଡିକରେ ପାଣି ଦେଖି ଖୁସିରେ ପିଇବାକୁ ଲାଗିଲେ । ପାଣି ପିଇ ଖୁସିରେ କିଚିରି ମିଚିରି ଗୀତ ଗାଇଲେ । ଏକଥା ବାପା ଦେଖି ମୁନିକୁ ଖୁବ ସାବାସୀ ଦେଲେ । 'ସୁନା ପିଲା ଆମ ମୁନି' କହି ତା ପାଇଁ ଚକୋଲେଟ କିଣିଦେଲେ ।

+ମୋ: ୮୦୧୮୮୦୭୧୫୩

କବିତା

ତୁମ ପାଇଁ

ଶୀତ ସଂଜ

ଧ୍ରୁବଚରଣ ଘିବେଲା

ପଢ଼ିଲାଣି ଡାଟି କବାଟ
ନଇଁ ଆସୁ ଆସୁ ସଂଜ
ହେଉଅଛି କେତେ ଶୀତ
ପିଲା ବୁଢ଼ା ସଭେ ହେଜ ।

ଗାଆଁ ମଝାମଝି ସ୍ଥାନେ
କୁହୁଳିଛି କାଠଗଣ୍ଡି
ନିଆଁ ପୁଇଁ ମଜା ପାଇ
ରହିଥାନ୍ତି କେତେ ବେଢ଼ି ।

ଭାଗବତ କଥାମୃତ
ପାଠ ହୁଏ ଟୁଙ୍ଗି ଘରେ
ଭକତେ ପାନ କରନ୍ତି
କଥାମୃତ ଶରଧାରେ ।

ସଂଜୀ ଦୀପ ଦେଇ ବୋହୂ
ତୁଳସୀ ଚଉରା ମୂଳେ
ମୁଣ୍ଡିଆ ମାରେ ସେଇଠି
ଶ୍ରଦ୍ଧା ଭାବ ଭକତିରେ ।

ଦେହେ ରଖି ଶୀତ ବାସ
ପିଲାଏ ପଢ଼ି ବସନ୍ତି
ପଢ଼ିଲା ଭିତରେ କେବା
ଢୁଳାଇଥାନ୍ତି ନିଇତି ।

ପଢୁ ପଢୁ କିଛି ପିଲା
ନିଦେ ଢୁଙ୍କାରି ହୁଅନ୍ତି
ମୁଣ୍ଡିଆ ବି ଖାଏ ବହି
ନଇଁ ଗଲେ ମଥା ପାତି ।

ରାତିର ଖାଦ୍ୟ ପ୍ରସ୍ତୁତି
କାମରେ ରହନ୍ତି ମାଆ
ରନ୍ଧା ପରେ ଡାକିଥାନ୍ତି
ଖାଇବ ଆସରେ ଆ ।

ବଢ଼ିଗଲେ ଶୀତ ରାତି
ଝିଙ୍କାରି କରେ ଶବଦ
ଭାସି ଆସେ ଝିଇଁ ଝିଇଁ
ଶବ୍ଦ ସାଥେ ଶୀତ ଗୀତ ।

+ବଉଦରାଜି, ବୌଦ୍ଧ-୭୬୨୦୧୪
ମୋ: ୯୪୩୭୪୭୮୪୬୬

ଆହାନ୍ ପାଇଁ ନାନାବାୟା

ନୀଳମଣି ଚାନ୍ଦ

ନାଆଁ ତା'ର ଆହାନ୍
କିଏ ଡାକେ ବାବାଇ
ଆଇଙ୍କର ମୋଗଲି
ଖେଳେ ଟୋପି ଲଗାଇ ।

ଆ' ଉଡାଜାହାଜ
ମୁମ୍ବାଇକୁ ନେଇ ଯା'
ଘୁଁ ଘୁଁ ଗୀତକୁ
ବାଟେବାଟେ ଗାଇଯା ।

ଦୁଇଦିନ ରହିବ
ଯିବନିରେ ଜଓ୍ୱାଇ
ସିଧା ସିଧା ସେଠାରୁ
ବୁଲିଯିବ ଦୁବାଇ ।

ଆଗ ସିଏ ଦେଖି
ବୁଲି ବୁର୍ଜଖଲିଫା
ପରେ କ'ଣ ଦେଖି
କରିଦିଅ ତାଲିକା ।

ଫେରିଲେ ସେ କହିବ
ବୁଲୁଲି କଥାଟି
ଆମେ ହୁଁ ମାରିବା
ହଲେଇବା ମଥାଟି ।

+ ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

ଭଲ ବ୍ୟବହାରର ଲାଭ

ରମେଶ ଚନ୍ଦ୍ର ଦାଶ

ବାଘ ବିଲୁଆକୁ ଭାରି ଭଲ ପାଉଥିଲା । କାରଣ ବିଲୁଆ ବାଘକୁ ସବୁ କାମରେ ସାହାଯ୍ୟ କରୁଥିଲା । ଦିନେ ବିଲୁଆ ଦେଖିଲା ବାଘ ବହୁତ ଅନ୍ୟାୟ କାମ କରୁଛି । ସେ ତେଣୁ ଆଉ ବାଘ ପାଖଗୁ ଗଲା ନାହିଁ କି ତାକୁ କାମରେ ସାହାଯ୍ୟ କଲାନାହିଁ । ଏହା ଜାଣି ବାଘର ଭାରି ରାଗ ହେଲା । ପୂର୍ବରୁ ବାଘ ସମସ୍ତ ଭୋଜିଭାତକୁ ପ୍ରଥମେ ବିଲୁଆକୁ ଡାକୁଥିଲା କିନ୍ତୁ ତା ପରଠାରୁ ସେ ଆଉ ତାକୁ ଆଦୌ ଡାକିଲା ନାହିଁ । ଓଲଟା ସେ ବିଲୁଆ ବିରୋଧରେ ବିଭିନ୍ନ କଥା କହିଲା । ବିଲୁଆକୁ ଚୋର ବୋଲି କହି ଚାରିଆଡ଼େ ପ୍ରଚାର କଲା । ବିଲୁଆ ସବୁ ଶୁଣି ନିରବ ରହିଲା ।

ସବୁଦିନ ତ ସମାନ ନଥାଏ । ଏପରି ଆଚରଣ ଦେଖି ଧୀରେ ଧୀରେ ବାଘର ଅନ୍ୟ ସବୁ ବଂଧୁମାନେ ଦୂରେଇଗଲେ । ବାଘ ସଦାବେଳେ ଏକୁଟିଆ ହୋଇ ରହିଲା । ଯାହା ଫଳରେ ତାର ମନ ଭଲ ରହିଲା ନାହିଁ । ଶୀକାର କରିବାକୁ ଗଲାବେଳେ ଅନ୍ୟମାନେ ଏମିତି କଲେ ଯେ ଶୀକାର ଖସି ପଳାଇଲେ । ସେ ଖାଇବାକୁ ନ ପାଇ ଭୋକରେ ରହିଲା । ଦିନେ ସେ ଚିନ୍ତାକଲା ଘାସପତ୍ର ଖାଇ ପେଟ ପୂରାଇବ । କିନ୍ତୁ ସେଗୁଡ଼ିକ କେଉଁଠି ତା ପାଟିକୁ ରୁଚିବ ଯେ ଖାଇବ ?

ପେଟ ନ ପୂରିବାରୁ ତା'ର ଆଖିକୁ ନିଦ ବି ଭଲ ହେଲାନାହିଁ । ତାର ଏପରି ଦୟନୀୟ ଅବସ୍ଥା ଦେଖି ବିଲୁଆ ସହିପାରିଲା ନାହିଁ । ସେ ଦିନେ ବାଘ ବାସ ନିକଟ ବାଟ ଦେଇ ଗଲାବେଳେ ବାଘ ବସା ନିକଟ ଦେଇ ଗଲାବେଳେ ବାଘ ଧୀର ଗଳାରେ କହିଲା- ବିଲୁଆ, ମୁଁ ବହୁତ ଭୁଲ କରିଛି ରେ । ତୋ ଭଳି ବନ୍ଧୁଙ୍କୁ ଭୁଲ ବୁଝି ମୁଁ ବହୁତ ବଡ଼ ଅପରାଧ କରିଛି । ବାଘର ପାଟିରୁ ଏତକ ଶୁଣିବା ମାତ୍ରେ ବିଲୁଆର ଆଖିରୁ ଲୁହ ଝରିଆସିଲା । ସେ ତ ପୂର୍ବରୁ ତା ବିଷୟରେ ଜାଣିଥିଲା । ସଙ୍ଗେ ସଙ୍ଗେ ତା ପାଖକୁ ଯାଇ କହିଲା- ବ୍ୟସ୍ତ ହୁଅନି । ଖରାପ ସମୟ ଏବେ ଚାଲିଗଲାଣି । ତୁମେ ଏଇଠି ଥାଅ ମୁଁ ତୁମ ପାଇଁ ଖାଦ୍ୟ ଯୋଗାଡ଼ କରି ଆଣୁଛି । ଏହା କହିବା ସହିତ ସେ ସଙ୍ଗେ ସଙ୍ଗେ କିଛି ଖାଦ୍ୟ ଆଣି ତାକୁ ଦେଲା । ବାଘ ସେତକ ଖାଇବାପରେ ଟିକେ ଆଶ୍ୱସ୍ତ ଅନୁଭବ କଲା ।

ବିଲୁଆ ବାଘର ସାଥି ହେବା ଦେଖି ଅନ୍ୟ ପ୍ରାଣୀମାନେ ବି ତା ପାଖକୁ ଆସିଲେ । ତାପରେ ସେ ସମସ୍ତଙ୍କୁ ଭଲ ବ୍ୟବହାର କରି ଖୁସିରେ ରହିଲା । ଏହାର କିଛିଦିନ ପରେ ଦିନେ ବିଲୁଆ ବାଘକୁ କହିଲା - ଭଲ ବ୍ୟବହାର ପାଇଁ କିଛି ଖର୍ଚ୍ଚ କରିବାକୁ ପଡ଼େନି ବରଂ ବହୁତ ଲାଭ ମିଳେ ।

+ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା,
ପୁରୀ-୨, ପୁରୀ
ମୋ: ୯୭୭୬୬୨୩୮୫୨୨

ଗ୍ରାମ୍ୟ ଉନ୍ନୟନ ସମୀକ୍ଷା ବୈଠକରେ ଧାର୍ଯ୍ୟ ସମୟରେ ପ୍ରକଳ୍ପ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୩/୧୨ (ନି.ପ୍ର): ଗ୍ରାମ୍ୟ ଉନ୍ନୟନ ବିଭାଗର ମାସିକ ସମୀକ୍ଷା ବୈଠକ ଗୁରୁବାର ପୂର୍ବାହ୍ନରେ ଲୋକସେବା ଭବନସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନା, ବିଜୁ ସେତୁ ଯୋଜନା, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା, କୋଠାବାଡ଼ି, ଜିଲ୍ଲା ଖଣିଜ ପାଣ୍ଠି, ଓମ୍‌ବାଡ୍‌ସି ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ଅନ୍ୟାନ୍ୟ ଯୋଜନାର କାର୍ଯ୍ୟାନ୍ୱୟନ ନେଇ ସମୀକ୍ଷା କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ 'ମୋ ସରକାର' ଓ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିର ଅଗ୍ରଗତି ସଂପର୍କରେ ମଧ୍ୟ ସମୀକ୍ଷା କରାଯାଇଛି ।

ସମସ୍ତ ଡିଭିଜନ୍ ର ଦାୟିତ୍ୱରେ ଥିବା ଅଧିକାରୀମାନେ ବିଭିନ୍ନ ଯୋଜନାଗୁଡ଼ିକର ସଫଳ କାହାଣୀ ସହିତ ଭିଡ଼ିଓଗ୍ରାଫି ଏବଂ ଜନସାଧାରଣଙ୍କ ମତାମତ ଓ ଯୋଜନା ନେଇ ସେମାନଙ୍କ ଆଭିମୁଖ୍ୟ ବାବଦରେ ଏକ ପୁସ୍ତିକା ୩୧ ତାରିଖ ସୁଦ୍ଧା ଦାଖଲ କରିବା ପାଇଁ ସଚିବ ଶ୍ରୀ ସିଂ ନିର୍ଦ୍ଦେଶ ଦେଇଥିଲେ । ଯେଉଁ ଡିଭିଜନ୍ ର କାର୍ଯ୍ୟ ସଂପାଦନରେ ଉନ୍ନତି ପରିଲକ୍ଷିତ ନହୋଇଛି ସେମାନଙ୍କ ବିରୁଦ୍ଧରେ ଆସନ୍ତା ରିଭ୍ୟୁ ମିଟିଙ୍ଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରମୁଖ ଶାସନ ସଚିବ କହିଥିଲେ । ରାଜ୍ୟର ସମସ୍ତ ୬୦ଟି ଡିଭିଜନ୍ ଓ ୧୩ଟି ସର୍କଲ ଇଞ୍ଜିନିୟରିଂ ସଂସ୍ଥାର ମୁଖ୍ୟଯନ୍ତ୍ରୀଙ୍କ ସହ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ପ୍ରକଳ୍ପ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟରେ ଶେଷ କରିବା ପାଇଁ ଶ୍ରୀ ସିଂ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ସମୀକ୍ଷା ବୈଠକରେ ସ୍ୱତନ୍ତ୍ର ଶାସନ ସଚିବ ସୁଦର୍ଶନ ପରିଡ଼ା, ବିଜୟ ପ୍ରଧାନ, ମୁଖ୍ୟଯନ୍ତ୍ରୀ ପ୍ରଦୀପ କୁମାର ସାମଲଙ୍କ ସମେତ ବିଭାଗୀୟ ବରିଷ୍ଠ ପଦାଧିକାରୀବୃନ୍ଦ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ମଣ୍ଟେସୋରୀ କ୍ରୀଡା ମହୋତ୍ସବ ଉଦ୍‌ଯାପିତ

ବଲାଙ୍ଗିର, ୨୩/୧୨ (ନି.ପ୍ର): ମଣ୍ଟେସୋରୀ ପବ୍ଲିକ ସ୍କୁଲର ଦଶମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ମଣ୍ଟେସୋରୀ କ୍ରୀଡା ମହୋତ୍ସବ ୨୦୨୨ ଗାନ୍ଧୀ ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ସମସ୍ତ ଛାତ୍ରୀ ଛାତ୍ରୀ ଓ ଅଭିଭାବକ ବୃନ୍ଦ ସ୍କୁଲ ଠାରୁ ଏକ ମଶାଲ ଶୋଭାଯାତ୍ରାରେ ବାହାରି ସମଲେଶ୍ୱରୀ ମନ୍ଦିର ଦେଇ ଗାନ୍ଧୀ ଷ୍ଟାଡିୟମକୁ ପହଂଚିଥିଲେ । ଏହି ଶୋଭାଯାତ୍ରାରେ ସହସ୍ରାଧିକ ଛାତ୍ର ଛାତ୍ରୀ ଓ ଅଭିଭାବକ ଯୋଗ ଦେଇଥିଲେ । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଭୀମ ଭୋଇ ମେଡିକାଲ କଲେଜର ଡିନ୍ ସବିତା ମହାପାତ୍ର, ମୁଖ୍ୟବକ୍ତା ରୂପେ ପ୍ରଫେସର ଜ୍ୟୋତିଷ ଚୌଧରୀ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ପୌରାଧ୍ୟକ୍ଷା ଲିକା ସାହୁ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଖେଳ ମହୋତ୍ସବର ୮୮ଟି ବିଭାଗରେ ସମୁଦାୟ ୬୦୦ ରୁ ଅଧିକ ଛାତ୍ର ଛାତ୍ରୀ ଯୋଗଦାନ କରିଥିଲେ । ଅପରାହ୍ନରେ ପୁରସ୍କାର ବିତରଣ ସମାରୋହରେ ସ୍କୁଲ ଅଧ୍ୟକ୍ଷ୍ୟ ରବି ଚନ୍ଦ୍ର ଉଦଗାତାଙ୍କ ସହିତ ଅତିଥି ରୂପେ ପ୍ରଫେସର ତରୁଣ କୁମାର ମିଶ୍ର, ଶୁଭ୍ରାଂଶୁ ଶେଖର ପଣ୍ଡା, ସଂଗ୍ରାମ ବହିଦାର, ଗୋପାଳଜୀ ପାଣିଗ୍ରାହୀ, ସଂଗ୍ରାମ ପଣ୍ଡା, ଆକୁଳ ବେହେରା, ସତ୍ୟବ୍ରତ ନାଥ, ମଧୁଛନ୍ଦା ମିଶ୍ର, ସୁବାଷ ମିଶ୍ର, ଅନୟା ଦାଶ ପ୍ରମୁଖ ଯୋଗ ଦେଇଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଚଂଚଳ ରାଣା, ସମ୍ମାନିତ ଅତିଥି ଏବଂ ଜିଲ୍ଲା କ୍ରିଡା ଅଧିକାରୀ ପରାଶର ଦାଶ ଯୋଗ ଦେଇ ପିଲାମାନଙ୍କୁ ଉଦ୍ ?ବୋଧନ ଦେଇଥିଲେ । ଶେଷରେ ସ୍କୁଲର ଚେୟାରମେନ ବିରେନ୍ଦ୍ର ନାରାୟଣ ଉଦ୍‌ଗାତା ଧନ୍ୟବାଦ ଅର୍ପଣ କରିଥିଲେ ।

ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ଭୁବନେଶ୍ୱର ରେଲୱେ ଷ୍ଟେସନ୍‌ର ପୁନଃ ବିକାଶ କାର୍ଯ୍ୟର ସମୀକ୍ଷା

ଭୁବନେଶ୍ୱର, ୨୩/୧୨ (ନି.ପ୍ର): ପୂର୍ବତଟ ରେଳପଥର ମହାପ୍ରବନ୍ଧକ ରୂପ ନାରାୟଣ ସୁନକର ଗୁରୁବାର ଭୁବନେଶ୍ୱର ରେଳ ଷ୍ଟେସନ ପରିଦର୍ଶନରେ ଯାଇ ବିଭିନ୍ନ କାର୍ଯ୍ୟ ନିରୀକ୍ଷଣ କରିବା ସହିତ ଷ୍ଟେସନ ପୁନଃ ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି ।

ବିକାଶମୂଳକ କାର୍ଯ୍ୟକୁ ଧ୍ୟାନରେ ରଖି ଶ୍ରୀ ସୁନକର ସୂଚନା ଦେଇଛନ୍ତି ଯେ ଏହି ଷ୍ଟେସନ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କର ସମଗ୍ର ଭାରତରେ ରେଳ ଯାତ୍ରୀଙ୍କ ପାଇଁ ଆଧୁନିକ ଭିତିଭୂମି ସୁବିଧା ସହିତ ଉନ୍ନତମାନର ଯାତ୍ରୀ ପରିସେବା ଏବଂ ବିଭିନ୍ନ ସୁବିଧା ପ୍ରଦାନ କରିବା ପରିକଳ୍ପନାର ଏକ ଅଂଶ । ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ପ୍ରକଳ୍ପ କାର୍ଯ୍ୟକାରୀତା ସମ୍ବନ୍ଧରେ ନଜର ରଖିଥିବାରୁ ଭୁବନେଶ୍ୱର ରେଳ ଷ୍ଟେସନର ପୁନଃ ବିକାଶ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ମାନ୍ୟତା ପାଉଛି । ଏହି ଷ୍ଟେସନ ନିର୍ମାଣର ଶୀଘ୍ର କାର୍ଯ୍ୟ ସମ୍ପାଦନ ଓ କାର୍ଯ୍ୟକାରିତା ପାଇଁ ଶ୍ରୀ ବୈଷ୍ଣବ ମଧ୍ୟ ଜୋର ଦେଇଛନ୍ତି ବୋଲି ଶ୍ରୀ ସୁନକର କହିଛନ୍ତି ।

ଏହାସହ ସେ ଭିତିଭୂମି ବିକାଶ ସହ ଜଡିତ ପ୍ରଶସ୍ତ ଚଳପ୍ରଚଳ କ୍ଷେତ୍ର, କନକୋର୍ସ, ପ୍ଲାଟଫର୍ମ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଯାଂଚ କରିଥିଲେ ଯାହା ଯାତ୍ରୀମାନଙ୍କ ଆରାମ ପାଇଁ ବହୁତ ଆବଶ୍ୟକ । ଏହା ବ୍ୟତୀତ ପ୍ରକଳ୍ପର ଦୈନନ୍ଦିନ ନିର୍ମାଣ କାର୍ଯ୍ୟ ତଦାରଖ ପାଇଁ ସାଇଟ ଅଫିସ, ଷ୍ଟେସନ ପରିଷ୍କାର ପରିଚ୍ଛନ୍ନତା, ଯାତ୍ରୀଙ୍କ ସୁବିଧା ମଧ୍ୟ ଯାଂଚ କରାଯାଇଥିଲା । ଏହି ଯାଂଚ ସମୟରେ ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ରିଙ୍କେଶ ରାୟଙ୍କ ସହିତ ମୁଖ୍ୟାଳୟ ଓ ରେଳ ମଣ୍ଡଳର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

ଡିପିଆରସିଠାରେ ଟ୍ରାଇଙ୍ଗୁଲାର୍ କମିଟି ବୈଠକ ଅନୁଷ୍ଠିତ

ମାଲକାନଗିରି, ୨୩/୧୨ (ନି.ପ୍ର): ଜିଲ୍ଲା ପଚାଂୟତ ସାଧନ କେନ୍ଦ୍ର ଠାରେ ଟ୍ରାଇଙ୍ଗୁଲାର କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜସ୍ୱ ବିଭାଗର ଅଡିଟ ପାରା ନିରୀକ୍ଷଣ ନିମନ୍ତେ ଦକ୍ଷିଣାଚଂଳ ରାଜସ୍ୱ ଆୟୁକ୍ତ କାର୍ଯ୍ୟାଳୟର ଡେପୁଟି ସେକ୍ରେଟାରୀ ଶ୍ରୀମତୀ ସୁଜାତା ସାହୁ ଏ ନେଇ ଦୁଇ ଦିନିଆ ମାଲକାନଗିରି ଜିଲ୍ଲା ଗସ୍ତ କରିଛନ୍ତି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାଏକ ସଭାପତିତ୍ୱ କରି ଶ୍ରୀମତୀ ସାହୁଙ୍କୁ ସ୍ୱାଗତ ଜଣାଇଥିଲେ । ଶ୍ରୀମତୀ ସାହୁ ଆଜି ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମେତ ଜିଲ୍ଲାପାଳଙ୍କ ନିଜାରତ ବିଭାଗର ଅଡିଟ ପାରା ନିରୀକ୍ଷଣ କରିଛନ୍ତି । ଏଥି ନିମନ୍ତେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗରୁ ଆସିଥିବା ତିନି ଜଣ ଅଧିକାରୀ ସହଯୋଗ କରିଥିଲେ । ଯେଉଁଭଳି ଭାବେ ଅଧିକରୁ ଅଧିକ ଅଡିଟ ପାରା ସମାଧାନ ହୋଇପାରିବ, ସେଥି ନିମନ୍ତେ ସମସ୍ତ ଅଧିକାରୀଙ୍କୁ ସହଯୋଗ କରିବା ପାଇଁ ଶ୍ରୀ ନାଏକ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଅପରାହ୍ନରେ ଶ୍ରୀମତୀ ସାହୁ ମୋଟୁ ତହସିଲ କାର୍ଯ୍ୟାଳୟ ଯାଇ ନିରୀକ୍ଷଣ କରିଛନ୍ତି । ଏହି ସମୟରେ ତହସିଲଦାର ସଇଦ ସଓ୍ୱାର ସାହା ଉପସ୍ଥିତ ଥିଲେ । ଅନୁରୂପ ଭାବେ ଡିପିଆରସି ଠାରେ ଆୟୋଜିତ ବୈଠକକୁ ପରିଚାଳନା କରିବାରେ ସହାୟକ ଜିଲ୍ଲାପାଳ ସୁଶ୍ରୀ ସ୍ନିଗ୍ଧା ଚୌଧୁରୀ ସହାୟତା କରିଥିଲେ ।

ଅବକାରୀ ବିଭାଗକୁ 'ଇ-ଅବକାରୀ' ପାଇଁ ମିଳିଲା ଡିଜିଟାଲ ଇଣ୍ଡିଆ ସ୍ୱର୍ଣ୍ଣ ପୁରସ୍କାର

ଭୁବନେଶ୍ୱର, ୨୩/୧୨ (ନି.ପ୍ର): ସ୍ୱଚ୍ଛତା, ସମୟାନୁବର୍ତ୍ତୀତା ତଥା ଅନଲାଇନ ମାଧ୍ୟମରେ ସୁବିଧାରେ ସମସ୍ତ ସେବା ପ୍ରଦାନ ନିମନ୍ତେ ଓଡିଶା ସରକାରଙ୍କ ଅବକାରୀ ବିଭାଗ "ଇ-ଅବକାରୀ" ପାଇଁ ଚଳିତ ବର୍ଷ ସମ୍ମାନଜନକ ଡିଜିଟାଲ ଇଣ୍ଡିଆ ସ୍ୱର୍ଣ୍ଣ ପୁରସ୍କାର ପ୍ରଦାନ ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛି । ଭାରତର ରାଷ୍ଟ୍ରପତି ଆସନ୍ତା ୭ ଜାନୁୟାରୀରେ ଏହି ପୁରସ୍କାର ପ୍ରଦାନ କରିବେ । ପ୍ରକାଶ ଥାଉକି, ଅବକାରୀ ବିଭାଗ ଗତ ୨୦୧୯-୨୦ରୁ ରାଷ୍ଟ୍ରୀୟ ସୂଚନା ଓ ବିଜ୍ଞାନ କେନ୍ଦ୍ରର ସହାୟତାରେ ବିଭାଗର ବିଭିନ୍ନ ସେବା ଓ କାର୍ଯ୍ୟକ୍ରମ ଗୁଡିକୁ ୩୦ ରୁ ଅଧିକ ଅନଲାଇନ୍ ପରିମାପକ ମାଧ୍ୟମରେ କାର୍ଯ୍ୟକାରୀ କରାଇ ନିରବଚ୍ଛିନ୍ନ ଭାବେ ସ୍ୱଚ୍ଛତାର ସହିତ ସମୟୋଚିତ ଅବାଧ ସେବା ପ୍ରଦାନ କରି ଆସୁଛି । ଏତଦ୍ ବ୍ୟତିତ, ଏହା ଅବକାରୀ ଅପରାଧର ସଠିକ୍ ପର୍ଯ୍ୟବେକ୍ଷଣ, ଅବକାରୀ ଚଢାଉକୁ ମଜବୁତ କରିବା, ଅବୈଧ ନକଲି ମଦକୁ ରୋକିବା, ବିଭିନ୍ନ ସ୍ତରରେ ସମୟାନୁବର୍ତ୍ତୀ ସେବା ପ୍ରଦାନ କରିବା, ମଦର ଉତ୍ପାଦନ ଏବଂ ପରିବହନ ନିୟନ୍ତ୍ରଣ ସହିତ ଉପଯୁକ୍ତ ଯୋଗାଣ ଓ ପରିଚାଳନା ଏବଂ ସର୍ବୋପରି, ବିଭାଗରେ ସାମୂହିକ ସେବାରେ ସହାୟତା ପ୍ରଦାନ କରି ଆସୁଛି । ପୁନଶ୍ଚ, ଇ-ଅବକାରୀ ଦ୍ୱାରା ଅନଲାଇନ୍ ଲଟେରୀ ପ୍ରକ୍ରିୟା ମାଧ୍ୟମରେ ସମସ୍ତ ପ୍ରକାରର ଅବକାରୀ ଦୋକାନଗୁଡିକର ବନ୍ଦୋବସ୍ତ, ଠିକ୍ ସମୟରେ ସମସ୍ତ ଲାଇସେନ୍ସ ପ୍ରଦାନ ଏବଂ ନବୀକରଣ, ୧୦୦% ସରକାରୀ ପ୍ରାପ୍ୟର ଅନଲାଇନ ପୈଠ, ବ୍ରାଣ୍ଡ / ଲେବୁଲ ପଞ୍ଜୀକରଣ, ଅବକାରୀ ଦୋକାନ ଗୁଡିକର ସ୍ଥାନାନ୍ତର ଓ ମାଲିକାନା ସତ୍ୱ ପରିବର୍ତ୍ତନ, ସମସ୍ତ ପରିମିଟ୍ ଓ ପାଶ୍ ପ୍ରଦାନ, ମୋବାଇଆପ୍ ଓ ଡି.ପି.ଆର ମାଧ୍ୟମରେ ଚଢାଉ ସ୍ଥାନ ଚିହ୍ନଟ ହେବା ସହ ଅବକାରୀ, ଏନ୍.ଡି.ପିଏସ୍ ମାମଲା ରୁଜୁ ଏବଂ ଆସାମୀ ଗିରଫ ପୂର୍ବବର୍ତ୍ତୀ ବର୍ଷ ତୁଳନାରେ ଦୁଇଗୁଣ ଅଧିକ ହୋଇ ବିଭାଗକୁ ଅଧିକ ସ୍ୱଚ୍ଛ, କ୍ରିୟାଶୀଳ ଓ ଉତରଦ୍ୱାୟୀ କରାଇବାରେ ସହାୟକ ହୋଇଛି ।

ଆମ୍ବଗଡ ସେବା ସମବାୟ ସମିତିରେ ଧାନ ମଣ୍ଡି ଶୁଭାରମ୍ଭ

ଗଞ୍ଜାମ, ୨୩/୧୨ (ନି.ପ୍ର): ଗଂଜାମ ଜିଲା କୁକୁଡ଼ାଖଣ୍ଡି ବ୍ଲକ୍ ଅନ୍ତର୍ଗତ ଆମ୍ବଗଡ଼ ସେବା ସମବାୟ ସମିତିରେ ଧାନମଣ୍ଡି ଆଜି ଶୁଭାରମ୍ଭ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ସମବାୟ ସମିତିର ସଭାପତି କାହ୍ନୁଚରଣ ପାତ୍ର ଯୋଗଦେଇ ଏହାର ଶୁଭଉଦଘାଟନ କରିଥିଲେ । ସଂପାଦକ ସନ୍ତୋଷ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଆଜି ଠାରୁ ଚାଷୀ ମାନଙ୍କ ଠାରୁ ଏହି ମଣ୍ଡିରେ ଧାନକ୍ରୟ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ।

ଭୁବନେଶ୍ୱର ବସ୍ତି ବାସିନ୍ଦା ଶ୍ରଦ୍ଧାଞ୍ଜଳି ଦେଲେ ଓ ନ୍ୟାୟ ପାଇଁ ଦାବି କଲେ

ଭୁବନେଶ୍ୱର, ୨୩/୧୨ (ନି.ପ୍ର): ଭୁବନେଶ୍ୱର ମହାନଗରର ବୀର ସୁରେନ୍ଦ୍ର ସାଏ ନଗର ଅନ୍ତର୍ଗତ ବସ୍ତିର ଶତାଧିକ ମହିଳା ଏକ ଶାନ୍ତିପୂର୍ଣ୍ଣ ମହମବତୀ ଶୋଭାଯାତ୍ରାରେ ବାହାରି ଝାଡ଼ଖଣ୍ଡର ସାହି ବଂଗଳ ଜିଲ୍ଲାର ଜନଜାତି ଝିଅ ସ୍ୱର୍ଗତ ରୁବିକା ପାହାଡ଼ିଆର ଅମର ଆତ୍ମାକୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ଜନଜାତି ସୁରକ୍ଷା ମଂଚର ଉକ୍ତ ମହିଳାମାନ ମହମବତୀଜଳାଇ ହାତରେ ଧରି ଏହି ଶୋଭାଯାତ୍ରାରେ ଭାଗ ନେଇଥିଲେ । ପ୍ରଭାତି ପଟ୍ଟନାୟକ ଓ ବୀଣାପାଣି ସ୍ୱାଇଁ ଏହାର ନେତୃତ୍ୱ ନେଇଥିଲେ । ଶ୍ରୀମତୀ ପଟ୍ଟନାୟକ ସେହି ଶାନ୍ତିପୂର୍ଣ୍ଣ ଶୋଭାକୁ ସମ୍ବନ୍ଧିତ କରି କହିଲେ ଯେ ବିଲଦାର ଆନସାରୀ ନାମକ ମୁସଲମାନ ଯୁବକ ରୁବିକା ନାମକ ସରଳ ଜନଜାତି ଯୁବତୀକୁ ଲଭ ଜେହାଦର ସ୍ୱୀକାର କରି ପରବର୍ତ୍ତୀ ସମୟରେ ବିବାହ କରି ଯେପରି ନିର୍ମମ ବର୍ବରଚିତ ହତ୍ୟ କରି ୫୦ ରୁ ଉର୍ଦ୍ଧ୍ୱ ଖଣ୍ଡ କରି ହତ୍ୟାକରି ବିଭିନ୍ନ ସ୍ଥାନରେ ପକାଇଲା ଏହା ଆଦୌ ସହିବା ଯୋଗ୍ୟ ନୁହେଁ । ତେଣୁ ବିଲଦାର ଆନସାରୀକୁ କଠୋର ଦଣ୍ଡରେ ଦଣ୍ଡିତ କରାଯାଉ । ଲକ୍ଷ୍ମୀପ୍ରିୟା ବେହେରା, ସାବିତ୍ରୀ ସେଠୀ, ଗୁନା ସାହୁ, ମଂଜୁ ପଲେଇ ଓ ଟୁନି ବେହେରା ପ୍ରଭୃତି ମହିଳାମାନେ ବିଶେଷ ଭାବରେ ସହଯୋଗ କରିଥିଲେ ।

ଓଡ଼ିଶା କୃଷି ଶିଳ୍ପ ନିଗମ ପକ୍ଷରୁ କୃଷି ଯନ୍ତ୍ରପାତି ମରାମତି ନିମନ୍ତେ ଦକ୍ଷତା ବୃଦ୍ଧି ତାଲିମ ଶିବିର

ଭୁବନେଶ୍ୱର, ୨୩/୧୨ (ନି.ପ୍ର): କୃଷି କାର୍ଯ୍ୟରେ ବ୍ୟବହାର ହେଉଥିବା ଟ୍ରାକ୍ଟର, ପାୱାର ଟିଲର, ପମ୍ପସେଟ୍, ରିପର୍ସ ପାୱାର ଉଇଡର ଆଦି କୃଷି ଯନ୍ତ୍ରପାତିର ମରାମତି ଓ ରକ୍ଷଣାବେକ୍ଷଣ ନିମନ୍ତେ ଶିକ୍ଷିତ ଓ ବେରୋଜଗାର ଯୁବକଯୁବତୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରି ସେମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ଦକ୍ଷତା ତାଲିମ କାର୍ଯ୍ୟକ୍ରମ ଗୁରୁବାର ଓଡ଼ିଶା କୃଷି ଶିଳ୍ପ ନିଗମର ଅଧ୍ୟକ୍ଷ ଦେବାଶିଷ ମହାନ୍ତିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି ।

କୃଷି ଭବନଠାରେ ଆୟୋଜିତ ତାଲିମ ଶିବିରର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ମହାନ୍ତି କହିଛନ୍ତି ଯେ ରାଜ୍ୟ ସରକାର ଯୁବକଯୁବତୀମାନଙ୍କର ଦକ୍ଷତା ବୃଦ୍ଧିକୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରୁଥିବାବେଳେ ନିଗମ ପକ୍ଷରୁ ରାଜ୍ୟର ବେରୋଜଗାର ଶିକ୍ଷିତ ଯୁବକଯୁବତୀଙ୍କୁ ବିଭିନ୍ନ କୃଷି ଯନ୍ତ୍ରପାତିର ମରାମତି ଓ ରକ୍ଷଣାବେକ୍ଷଣ ନିମନ୍ତେ ବିନା ଦେୟରେ ତାଲିମ ପ୍ରଦାନ କାର୍ଯ୍ୟକ୍ରମ କରାଯାଉଛି । ଏହା ଦ୍ୱାରା ନିଯୁକ୍ତିର ସୁଯୋଗ ସୃଷ୍ଟି ହେବା ସହିତ ଚାଷୀମାନେ ସୁବିଧାରେ କୃଷି ଯନ୍ତ୍ରପାତିର ମରାମତି କରାଇପାରିବେ । ଏଥି ପାଇଁ ଚାଷୀମାନଙ୍କୁ ଆଉ ସହରକୁ ଯିବାକୁ ପଡ଼ିବ ନାହିଁ । ନିଗମ ପକ୍ଷରୁ ଏପରି ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ ଚାଷୀମାନଙ୍କ ନିମନ୍ତେ ଅତ୍ୟନ୍ତ ଫଳପ୍ରଦ ସାବ୍ୟସ୍ତ ହୋଇପାରିଛି ବୋଲି କାର୍ଯ୍ୟକ୍ରମରେ ଯୋଗଦେଇ ନିଗମର ଉପାଧ୍ୟକ୍ଷ ସନ୍ତୋଷ କୁମାର ବେଜ୍, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ତଥା ନିଗମର ପରିଚାଳନା ନିର୍ଦ୍ଦେଶକ ଡ. ପ୍ରେମଚନ୍ଦ୍ର ଚୌଧୁରୀ ଏବଂ ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା ପ୍ରମୁଖ ମତପ୍ରକାଶ କରିଛନ୍ତି ।

ଚଳିତ ବର୍ଷ ନିଗମ ପକ୍ଷରୁ ୧୮୦ ଜଣ ଯୁବକଯୁବତୀଙ୍କୁ ୬ଟି ବ୍ୟାଚ୍‌ରେ ତାଲିମ ପ୍ରଦାନ କରାଯିବ । ପ୍ରତି ବ୍ୟାଚ୍‌ରେ ୩୦ ଜଣ ଲେଖାଏଁ ଯୁବକଙ୍କୁ ୧୨ ଦିନ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଗତବର୍ଷ ମଧ୍ୟ ନିଗମ ଦ୍ୱାରା ରାଜ୍ୟର ୧୨୦ ଜଣ ବେରୋଜଗାର ଓ ଶିକ୍ଷିତ ଯୁବକଯୁବତୀଙ୍କୁ ବିନାଦେୟରେ ଏହି ତାଲିମ ପ୍ରଦାନ କରାଯାଇଥିଲା । ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ସୋନାଲିକା, କାମ୍‌କୋ, ଭିଏସ୍‌ଟି, ହୋଣ୍ଡା, କିର୍ଲୋସ୍କାର ବ୍ରଦର୍ସ, ଓଡ଼ିଶା ଫାର୍ମ ମେସିନାରୀ ରିସର୍ଚ୍ଚ ଆଣ୍ଡ ଡେଭେଲପ୍‌ମେଂଟ ସେଂଟର, ଭୁବନେଶ୍ୱର ଆଦି ଅନୁଷ୍ଠାନର ବୈଷୟିକ ଅଧିକାରୀଙ୍କ ଦ୍ୱାରା ଏହି ପ୍ରଶିକ୍ଷଣ ପ୍ରଦାନ କରାଯାଉଛି ।

ସୂଚନାଯୋଗ୍ୟ ଯେ ଓଡ଼ିଶା କୃଷି ଶିଳ୍ପ ନିଗମ ଦ୍ୱାରା ଚଳିତ ଆର୍ଥିକ ବର୍ଷରେ ୨୧୦୦ଟି ଟ୍ରାକ୍ଟର, ୬୦୦ଟି ପାୱାର ଟିଲର ବିକ୍ରି ନିମନ୍ତେ ଓ ୬୯୨୫ଟି ମାଇକ୍ରୋ ରିଭର ଲିଫ୍‌ଟ୍ ପ୍ରକଳ୍ପ ସ୍ଥାପନ କରାଯିବାର ଲକ୍ଷ୍ୟ ରଖାଯାଇଛି । ଏଥି ସହିତ ୨୦୨୨-୨୩ ଆର୍ଥିକ ବର୍ଷରେ ନିଗମ ପକ୍ଷରୁ ୩ଟି ଜିଲ୍ଲାରେ ୭୪୬୭ଟି ନୂତନ କ୍ଲଷ୍ଟର ମାଇକ୍ରୋ ରିଭର ଲିଫଟ୍ ପ୍ରକଳ୍ପ ଏବଂ ୨୪୦ଟି କ୍ଲଷ୍ଟର ସୋଲାର ରିଭର ଲିଫଟ୍ ପ୍ରକଳ୍ପ ସ୍ଥାପନ ନିମନ୍ତେ ପ୍ରସ୍ତାବ ଦିଆଯାଇଛି । ସାର, କୀଟନାଶକ ଓ ନଳକୂପ, ଡିଜେଲ୍ ପମ୍ପସେଟ୍ ବିକ୍ରି ସହିତ ନିଗମ ପକ୍ଷରୁ ଗୋଖାଦ୍ୟ ଉତ୍ପାଦନ ଓ ବିକ୍ରିର ମଧ୍ୟ ବ୍ୟବସ୍ଥା ରହିଛି ।

ଏଥି ସହିତ ଓଡ଼ିଶା କୃଷି ଶିଳ୍ପ ନିଗମ ରାଜ୍ୟ ସରକାରଙ୍କୁ ନିୟମିତ ଲାଭାଂଶ ପ୍ରଦାନ କରିଆସୁଛି । ନିଗମ ପକ୍ଷରୁ ୨୦୧୮ ମସିହାରେ ୬ କୋଟି ୨୦ ଲକ୍ଷ ୭୩ ହଜାର ଟଙ୍କା, ୨୦୨୨ ମସିହାରେ ୨ କୋଟି ୫୨ ଲକ୍ଷ ୧୭ ହଜାର ଟଙ୍କା ଏବଂ ୩ କୋଟି ୧୦ ଲକ୍ଷ ୩୬ ହ

ଫେବୃୟାରୀ ୫ରୁ ବାରିପଦାରେ ଓଜେୟୁର ୨ ଦିନିଆ ରାଜ୍ୟ କାର୍ଯ୍ୟକାରିଣୀ

ଭୁବନେଶ୍ୱର, ୨୩/୧୨ (ନି.ପ୍ର): ଲ୍ୟାଣ୍ଡ ମାଇନ ବିସ୍ଫୋରଣରେ ମୃତ କଳାହାଣ୍ଡି ଜିଲ୍ଲା ଏମ.ରାମପୁର ବ୍ଲକର ଦୂର୍ଗମ ଅଂଚଳ ମୋହନଗିରୀର ଧରିତ୍ରୀ ସାମ୍ବାଦିକ ତଥା ଓଜେୟୁର ସକ୍ରିୟ ସଦଶ୍ୟ ସ୍ୱର୍ଗତଃ ରୋହିତ ବିଶ୍ୱାଳଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକି ଫେବୃୟାରୀ ୫ତାରିଖ ଉପଲକ୍ଷେ ଓଡିଶା ସାମ୍ବାଦିକ ସଂଘ (ଓଜେୟୁ) ପକ୍ଷରୁ ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଏକ ରାଜ୍ୟ ସ୍ତରୀୟ ସେମିନାର ଆୟୋଜନ ସହ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବ ବୋଲି ଆଜି ଭୁବନେଶ୍ୱର ପୂର୍ତବିଭାଗ ବଙ୍ଗଳା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସଂଘର ରାଜ୍ୟ କର୍ମକର୍ତା ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି । ଦୁଇଦିନ ଧରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବା ଅବସରରେ, ସାରାରାଜ୍ୟରୁ ସଂଘର ରାଜ୍ୟ କାର୍ଯ୍ୟ କାରିଣୀ ସଦଶ୍ୟ ମାନେ ଯୋଗଦେଇ ସାମ୍ବାଦିକ ମାନଙ୍କ ସୁରକ୍ଷା ତଥା ଅନ୍ୟାନ୍ୟ ଦଶଦଫା ଦାବୀ ଉପରେ ସଂଘ ରାଜ୍ୟ ସ୍ତରରେ ଆରମ୍ଭ କରିଥିବା ଆନ୍ଦୋଳନର ଆଗାମୀ ବ୍ୟାପକ ରୂପରେଖ ପ୍ରସ୍ତୁତ କରାଯିବା ସହ ମୃତ ସାମ୍ବାଦିକ ରୋହିତ ବିଶ୍ୱାଳଙ୍କ ପରିବାର ବର୍ଗଙ୍କୁ ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି । ଆଲୋଚନା ଚକ୍ରରେ ସାମ୍ବାଦିକ ମାନଙ୍କ ସହିତ ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତି ବିଶେଷ ଏବଂ ସଂଗଠକ ମାନଙ୍କୁ ସାମିଲ କରାଯିବା ସହିତ ଅନ୍ୟାନ୍ୟ ସାଂଗଠନିକ ନିଷ୍ପତି ମାନ ଗ୍ରହଣ କରାଯିବ ବୋଲି ଜଣାଯାଇଛି । ସଂଘର ରାଜ୍ୟ ସଭାପତି ଶଶୀଭୂଷଣ ପ୍ରହରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ ଉପସଭାପତି ରମଣି ରଂଜନ ଦାଶ ଏବଂ ଦୀପକ କୁମାର ନାୟକ, ସଂଗଠନ ସମ୍ପାଦକ ଦୂର୍ଯ୍ୟଧନ ମହାରଣା, ସହ ସମ୍ପାଦକ ରାଜକିଶୋର ତ୍ରିପାଠୀ, ସ୍ୱତନ୍ତ୍ର ନିମନ୍ତ୍ରିତ ସଦଶ୍ୟ ଶରତ କୁମାର ବେହେରା, ମାନସ କୁମାର ଓଝା ପ୍ରମୁଖ ଉପସ୍ଥିତ ଥିଲେ ।

ଆଜି ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

ବାରିପଦା, ୨୩/୧୨ (ନି.ପ୍ର): ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ରାଜ୍ୟର ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ୫୦ ବର୍ଷ ପୂର୍ତି ଉପଲକ୍ଷେ ରାଜ୍ୟରେ ସମସ୍ତ ଈଶ୍ୱରିୟ ଯୋଗ ସେବା କେନ୍ଦ୍ର ଗୁଡିକରେ ଜିଲ୍ଲା ସ୍ତରୀୟ ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ବାରିପଦା ପୁରୁଣା ହାଟ ସାହିସ୍ଥିତ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ଯୋଗ ସେବା କେନ୍ଦ୍ରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରର ମୁଖ୍ୟ ସଂଚାଳିକା ବିକେ ଉମା ଭଉଣୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠିତ ସୁବର୍ଣ୍ଣ ଜୟନ୍ତୀର ଦୁଇ ଦିନିଆ କାର୍ଯ୍ୟସୂଚୀ ଉପରେ ଯୋଗ କେନ୍ଦ୍ରର ବ୍ରହ୍ମାକୁମାରି ଗୀତା ଭଉଣୀ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ଈଶ୍ୱରୀୟ ସନ୍ଦେଶ ପ୍ରଚାର କରୁଥିବା ଜିଲ୍ଲାର ୬ ଜଣ ସାମାଜିକ କର୍ମୀଙ୍କୁ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟକ୍ରମ ରହିଥିବା ବେଳେ ଓଡ଼ିଶାର ମୁଖ୍ୟ ଯୋଗ କେନ୍ଦ୍ର କଟକର ସଂଚାଳିକା ରାଜ ଯୋଗିନୀ ବିକେ କମଲେଶ ଦାଦିଜୀ, ସହ ସଂଚାଳିକା ରାଜ ଯୋଗିନୀ ବିକେ ସୁଲୋଚନା, ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ମୁଖ୍ୟ କାର୍ଯ୍ୟାଳୟ ମାଉଂଟଆବୁ ରାଜସ୍ଥାନରୁ ରାଜଯୋଗି ବିକେ ସଂଜୟ ଭାଇ, ରାଜଯୋଗି ବିକେ ନଥମଲ, ବିକେ ଅରୁଣ ପଣ୍ଡାଙ୍କ ସହିତ ବାଙ୍ଗିରୀପୋଷୀ ବିଧାୟକ ସୁଦାମ ମାରାଣ୍ଡି, ଏସଡିସି ଅଧକ୍ଷ ଡା. ଦେବାଶିଷ ମାରାଣ୍ଡି, ବିଶ୍ୱ ବିଦ୍ୟାଳୟର ପ୍ରଫେସର ଏମ ହିମାବିନ୍ଦୁ, ବାରିପଦା ନଗରପାଳ କୃଷ୍ଣନନ୍ଦ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବା ବେଳେ ଦ୍ୱିତୀୟ ଦିନରେ ଓଡ଼ିଶା ଲୋକାୟୁକ୍ତ ଡ଼.ଦେବ୍ରତ ସ୍ୱାଇଁ , ଜିଲ୍ଲା ଦୌରାଜଜ୍ ଅରବିନ୍ଦ ପଟ୍ଟନାଏକ, ବିକେ ଅରୁଣ , ଏଜିଏମ୍ ଏନଏସପିଏଲ୍ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବା ବେଳେ ଯୋଗ କେନ୍ଦ୍ରର ସହ ସଂଚାଳିକା ବିକେ ଗୀତା ଭଉଣୀ ମଧ୍ୟ ଯୋଗଦେବେ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

ମିହିର ଦାସ ସରକାରୀ କଲେଜ ଅବସରପ୍ରାପ୍ତ ଶିକ୍ଷକ ସଂଘର ସଭାପତି ନିର୍ବାଚିତ

ଭୁବନେଶ୍ୱର, ୨୩/୧୨ (ନି.ପ୍ର): ଓଡ଼ିଶା ସରକାରୀ କଲେଜ ଅବସରପ୍ରାପ୍ତ ଶିକ୍ଷକ ସଂଘର ସାଧାରଣ ପରିଷଦ ବୈଠକ ବିଜେବି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇ ଆଗାମୀ ତିନିବର୍ଷ ପାଇଁ ନୂତନ କର୍ମକର୍ତା ନିର୍ବାଚନ କରାଯାଇଛି । ଡକ୍ଟର ମିହିର ଦାସ (ପ୍ରାଣୀବିଜ୍ଞାନ) ସଭାପତି, ଡକ୍ଟର ନାରାୟଣ ମହାନ୍ତି (ଦର୍ଶନ) ଉପସଭାପତି, ଡକ୍ଟର କୈଳାସ ଚନ୍ଦ୍ର ଦାଶ (ଦର୍ଶନ) ସଧାରଣ ସମ୍ପାଦକ, ଡକ୍ଟର ଅରୁନ୍ଧତୀ ମିଶ୍ର (ପଦାର୍ଥବିଜ୍ଞାନ) ଯୁଗ୍ମସମ୍ପାଦକ ଓ ଡକ୍ଟର ଅଭୟ କୁମାର ବେହେରା (ଇତିହାସ) କୋଷାଧକ୍ଷ ରୂପେ ନିର୍ବାଚିତ ହୋଇଛନ୍ତି । ପ୍ରାଧାପକ ଧନେଶ୍ୱର ସାହୁ ନିର୍ବାଚନ ପରିଚାଳନା କରିଥିଲେ ।

ଜଳେଶ୍ୱରର ପୂର୍ବତନ ପୋଲିସ୍ ଏସ୍‌ଆଇ ପୋଲିସ୍ ଦ୍ୱାରା ଅଟକ : ସଂଗୀନ ଅଭିଯୋଗ

ଜଳେଶ୍ୱର, ୨୩/୧୨ (ନି.ପ୍ର): ଜଳେଶ୍ୱର ଥାନାରେ ୨ବର୍ଷ ପୂର୍ବେ ଏସ୍‌ଆଇ ଭାବେ କାର୍ଯ୍ୟରତ ଥିବା ନଗରଦୀପ ସେଠୀଙ୍କୁ ଆଜି ଜଳେଶ୍ୱର ପୁଲିସ୍ ଅଟକ ରଖିଥିବା ଜଣାପଡିଛି । ଘଟଣାରୁ ପ୍ରକାଶ ମୟୂରଭଂଜ ଜିଲାର ବାଦାମ ପାହାଡ ଥାନାରେ କାର୍ଯ୍ୟରତ ଶ୍ରୀ ସେଠୀ କିଛିଦିନ ଧରି ଅସୁସ୍ଥ ଥିବା ଦର୍ଶାଇ ଛୁଟିରେ ଅଛନ୍ତି । ଏ ସଂପର୍କରେ ତାଙ୍କ ପତ୍ନୀ କେତେକ ସଂଗୀନ ଅଭିଯୋଗ ଜଳେଶ୍ୱର ଥାନାରେ ଆଣିଛନ୍ତି । ଜଳେଶ୍ୱର ପୁଲିସ୍ ଗତ ରାତିରେ ବଡବଜାର ଅଂଚଳର ଏକ ନିର୍ଦ୍ଦିଷ୍ଟ ଘରୁ ଉଦ୍ଧାର କରି ଅଟକ ରଖିଥିବା ଜଣାଯାଇଛି । ଏ ସଂପର୍କରେ ଜଳେଶ୍ୱର ଅଂଚଳରେ ଏହା ଆଲୋଚ୍ୟର ବିଷୟ ହୋଇଛି । ଏ ସଂପର୍କରେ ଜଳେଶ୍ୱର ଆଇଆଇସିଙ୍କ ମତାମତ ଲୋଡାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନାହିଁ । ଅନ୍ୟପକ୍ଷରେ ଜଳେଶ୍ୱର ଏସ୍‌ଡିପିଓଙ୍କ ମତାମତ ଲୋଡାଯିବାକୁ ସେ ଆଇଆଇସିଙ୍କୁ ଏ ସଂପର୍କରେ ପଚାରିବାକୁ ପରାମର୍ଶ ଦେଇଥିଲେ । ପ୍ରକାଶଯୋଗ୍ୟ ଜଳେଶ୍ୱର ଆଇଆଇସି କୌଣସି ଖବର ସଂପର୍କରେ ଉତ୍ତର ରଖୁନଥିବା ଏପରିକି ସାମ୍ବାଦିକ ମାନଙ୍କ ଫୋନ ଉଠାଉନଥିବା ଦେଖିବାକୁ ମିଳୁଛି ।

ବ୍ୟାଙ୍କ ଅଫ ଇଣ୍ଡିଆ ପକ୍ଷରୁ ସୁବର୍ଣ୍ଣ ଜୟନ୍ତୀ

ବାଲେଶ୍ୱର, ୨୩/୧୨ (ନି.ପ୍ର): ବ୍ୟାଙ୍କ ଅଫ ଇଣ୍ଡିଆ ପ୍ରତିଷ୍ଠାର ୫୦ବର୍ଷ ପୂର୍ତ୍ତି ଅବସରରେ ବାଲେଶ୍ୱର ଶାଖା ପକ୍ଷରୁ ସ୍ୱର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରିଛି । ଏହି ଅବସରରେ ଏକ ବିଶାଳ କାର ରଣ ମେଳାର ଆୟୋଜିତ ହୋଇଥିଲା ।ଏଥିରେ ବିଭିନ୍ନ ନାମୀ ଦାମୀ କମ୍ପାନୀର କାର୍ ସବୁ ପ୍ରଦର୍ଶନ କରାଯାଇଥିଲା । ଗ୍ରାହକମାନେ ଏକ ସମୟରେ ଅନେକ ଗାଡ଼ିମାନଙ୍କର ଦେଖିବା ଏବଂ ଏହା ସମ୍ପର୍କରେ ବୁଝିବାର ସୁଯୋଗ ପାଇଥିଲେ । ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଆଞ୍ଚଳିକ ପ୍ରବନ୍ଧକ ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ଦାସ ଏହି ରଣ ମେଳାକୁ ଉଦ୍‌ଘାଟନ କରିଥିଲେ । ସ୍ୱର୍ଣ୍ଣ ଜୟନ୍ତୀ ପାଳନର ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟରେ ଗ୍ରାହକ ସମ୍ମିଳନୀ, ଜନ୍ମଦିନ କେକ୍ କାଟିବା, ଶାଖାକୁ ରଙ୍ଗୀନ କରି ସଜାଇବା ଇତ୍ୟାଦି କରାଯାଇଥିଲା । ଏହି ଅବସରରେ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ, ବାଲେଶ୍ୱର ଶାଖା ତରଫରୁ ମିଶନ ପଡ଼ିଆସ୍ଥିତ ଭିନ୍ନକ୍ଷମ କଲ୍ୟାଣ ପ୍ରତିଷ୍ଠାନରେ ଦିବ୍ୟାଙ୍ଗ ସ୍କୁଲ୍ ପିଲାଙ୍କ ଉଦ୍ଦେଶ୍ୟରେ ବ୍ୟାଙ୍କ୍ ତରଫରୁ ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଥିଲା । ସନ୍ଧ୍ୟାରେ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଶାଖାର ସମସ୍ତ ପରିବାର, ଗ୍ରାହକ ଏବଂ ବାଲେଶ୍ୱର ସହରର ବିଭିନ୍ନ ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ସମାରୋହରେ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ବ୍ୟାଙ୍କ୍‌ର ଆଞ୍ଚଳିକ ଉପ-ପ୍ରବନ୍ଧକ ସତ୍ୟରଞ୍ଜନ ଦାସ, ମୁଖ୍ୟ ଶାଖା ପରିଚାଳକ ପ୍ରମୋଦ ଚନ୍ଦ୍ର ପରିଡ଼ା ଏବଂ ସହକର୍ମୀମାନେ ସହଯୋଗ କରିଥିଲେ ।

ଟେଣ୍ଟ ହାଉସ୍ ମାଲିକଙ୍କ ଝୁଲନ୍ତା ଶବ ଉଦ୍ଧାର

ଜଳେଶ୍ୱର, ୨୩/୧୨ (ନି.ପ୍ର): ଜଳେଶ୍ୱର ଥାନା ଅନ୍ତର୍ଗତ ଗୋବରଘଟା ଗାଁର ସମୀର କୁମାର ଘୋଷଲା ଓରଫ ହାକୁ (୫୮)ର ଝୁଲନ୍ତା ଶବ ନିଜ ବାଡିପଟ ଏକ ଗଛରୁ ସକାଳେ ପୁଲିସ୍ ଉଦ୍ଧାର କରିଛି । ସମୀର ପେଷାରେ ଜଣେ ଟେଣ୍ଟ ହାଉସ୍ ମାଲିକ । ପରିବାରରେ ତାର ୩ ଝିଅ ଥିବା ବେଳେ ଜଣେ ବିବାହିତ । ସ୍ତ୍ରୀ ରେଖା ଓ ଦୁଇ ଝିଅ ଘରେ ରହୁଥିବା ବେଳେ ସେ ଆର୍ଥିକ ଅନଟନ ମଧ୍ୟରେ କାଳାତିପାତ କରି ଆସୁଥିଲା । କାରଣ ଅସ୍ପଷ୍ଟ ଥିବା ବେଳେ ଏ ସଂପର୍କରେ ବହୁକଥା ଶୁଣିବାକୁ ମିଳୁଛି । ଆଜି ତାର ଶବ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି ।

କଟକ, ବରଗଡରୁ ନକଲି ଔଷଧ ଜବତ

ଭୁବନେଶ୍ୱର, ୨୩/୧୨ (ନି.ପ୍ର): ନକଲି ଔଷଧ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କ୍ରମରେ ଶୁକ୍ରବାର କଟକ ଓ ବରଗଡର ଦୁଇଟି ଗୋଦାମରୁ ନକଲି ଔଷଧ ଜବତ କରାଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଶ୍ରୀମତି ଶାଳିନୀ ପଣ୍ଡିତ୍ କହିଛନ୍ତି ସନ୍ଦେହାତ୍ମକ ଔଷଧ ପ୍ରସ୍ତୁତିରେ ଲିପ୍ତ ସଂସ୍ଥାକୁ ଔଷଧର ପରୀକ୍ଷା ବିବରଣୀ ସହ ସବିଶେଷ ତଥ୍ୟ ଦେବା ପାଇଁ କୁହାଯାଇଥିଲା । ତାଙ୍କଠାରୁ ମିଳିଥିବା ତଥ୍ୟର ବୈଧତା ତନଖି କରି ପ୍ରାୟ ୧୧ ପ୍ରକାର ସନ୍ଦେହାତ୍ମକ ଔଷଧ କଟକ ପୁରୀଘାଟସ୍ଥିତ ଏମ୍.ଏଚ୍. ଫାର୍ମାସୁଟିକାଲ୍ ଷ୍ଟୋରରୁ ଜବତ କରାଯାଇଛି । ଜବତ ଔଷଧର ମୂଲ୍ୟପ୍ରାୟ ୨୩.୨୩ ଲକ୍ଷ ଟଙ୍କା ହେବବୋଲି ଜଣାପଡିଛି । ଏହିସବୁ ଔଷଧ ପଡୋଶୀ ରାଜ୍ୟ ଉତର ପ୍ରଦେଶରୁ ଆସିଥିବାର ଜଣାପଡିଥିଲା । ଏହାଛଡା ବରଗଡର ଅଶୋକ ମେଡିକାଲ ଷ୍ଟୋରରୁ ମଧ୍ୟ ସନ୍ଦେହାତ୍ମକ ଔଷଧ ଜବତ କରାଯାଇଛି । ଅଶୋକ ମେଡିକାଲରୁ ଜବତ ଔଷଧକୁ ସନ୍ଦେହାତ୍ମକ ଭିତିରେ ପୂର୍ବରୁ ଅଲଗାକରି ତାହାର ବିକ୍ରୀ ବନ୍ଦ କରାଯାଇଥିଲା । ଶ୍ରୀମତୀ ପଣ୍ଡିତ୍ ଆହୁରି ମଧ୍ୟ କହିଥିଲେ ଯେ ଓଡିଶାର ପ୍ରବର୍ତନ ଟିମଙ୍କୁ ଔଷଧ ଆସୁଥିବା ରାଜ୍ୟର ପ୍ରବର୍ତନ ବ୍ୟବସ୍ଥାସହ ଯୋଗାଯୋଗ ସଘନ କରିବାକୁ କୁହାଯାଇଛି । ଏହାଦ୍ୱାରା ନକଲି ଔଷଧର ଆମଦାନି ଓ ଯୋଗାଣକୁ ବନ୍ଦ କରାଯାଇ ପାରିବ, ଏବଂ ଧରାପଡିଥିବା ନକଲି ଔଷଧ ପ୍ରସ୍ତୁତକାରୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ତ୍ୱରାନ୍ୱିତ ହେବ । ଔଷଧ ପ୍ରବର୍ତନ ଟିମମାନେ ବଜାରରେ ଉପଲବ୍ଧ ଔଷଧ ଗୁଡିକର ଯାଂଚ୍ ବ୍ୟାପକ କରିବାସହ କୌଣସି ପ୍ରକାର ସନ୍ଦେହାତ୍ମକ କାର୍ଯ୍ୟ ଦୃଷ୍ଟିକୁ ଆସିବାମାତ୍ରେ ବିକ୍ରିବନ୍ଦ ନିର୍ଦ୍ଦେଶ ଜାରି କରିବେ ବୋଲି ଶ୍ରୀମତି ପଣ୍ଡିତ୍ କହିଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

କୋଭିଡ୍ ମୁକାବିଲା ପାଇଁ ....

ମେଡିକାଲ କଲେଜ ଓ ହସ୍‌ପିଟାଲ୍, ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍‌ପିଟାଲ୍, ଭିମ୍‌ସାର ବୁର୍ଲାଠାରେ ୨୦ଟି ଲେଖାଏଁ ବେଡ୍ ପ୍ରସ୍ତୁତ ରଖିବା ପାଇଁ ନିଷ୍ପତି ହୋଇଛି । ଅନ୍ୟସବୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୦ଟି ଲେଖାଏଁ ଅକ୍ସିଜେନ୍ ସୁବିଧା ଥିବା ବେଡ୍ ପ୍ରସ୍ତୁତ ରଖାଯିବ । କୋଭିଡ୍-୧୯ ପରିଚାଳନା ପାଇଁ ଭୁବନେଶ୍ୱରର କ୍ୟାପିଟାଲ୍ ହସ୍‌ପିଟାଲ୍, ରାଉରକେଲାର ଆଇଜିଏଚ୍ ଓ ଅନ୍ୟ ମେଡିକାଲ କଲେଜ ଏବଂ ହସ୍‌ପିଟାଲ୍ ଗୁଡ଼ିକ ମକ୍‌ଡ୍ରିଲ କରିବେ । ଆଗାମୀ ହକି ବିଶ୍ୱକପ୍ କୁ ଆଖି ଆଗରେ ରଖି କଟକ, ସୁନ୍ଦରଗଡ଼ (ରାଉରକେଲା) ଓ ଭୁବନେଶ୍ୱର କ୍ୟାପିଟାଲ ହସ୍‌ପିଟାଲ୍ କର୍ତ୍ତୃପକ୍ଷ ଆବଶ୍ୟକ ପରିମାଣର ଗାଡ଼ି ଓ ମାନବସମ୍ବଳ ଯୋଗାଇ ଦିଆଯିବ । ରାଉରକେଲା, ଭୁବନେଶ୍ୱର ଓ କଟକଠାରେ ବ୍ୟାପକ ଭାବେ କୋଭିଡ୍-୧୯ ପରୀକ୍ଷଣର ବ୍ୟବସ୍ଥା କରାଯିବ । ଏହା ସହିତ ସମସ୍ତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନମାନଙ୍କରେ 'ଫିଭର କ୍ଲିନିକ୍ ' ଖୋଲାଯିବା ସହିତ ବାକି ରହି ଯାଇଥିବା ବ୍ୟକ୍ତିଙ୍କୁ ବୁଷ୍ଟର ଡୋଜ୍ ପ୍ରଦାନ ପାଇଁ ବ୍ୟବସ୍ଥା କରାଯିବ । କୋଭିଡ-୧୯କୁ ଆଖି ଆଗରେ ରହି ରାଜ୍ୟ ଔଷଧ ନିଗମ ପକ୍ଷରୁ ଆବଶ୍ୟକ ପରିମାଣର ଔଷଧ ମହଜୁଦ ଥିବାବେଳେ କୋଭିଡ୍ ଟେଷ୍ଟିଂ ପାଇଁ ପର୍ଯ୍ୟାପ୍ତ ପରିମାଣରେ 'କିଟ୍' ଓ ଅକ୍ସିଜେନ୍ ଆଗାମୀ ୩ ମାସ ପାଇଁ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜନସଚେତନତା ସୃଷ୍ଟି ପାଇଁ ନିୟମିତ ଭାବେ ସୂଚନା ପ୍ରଦାନ କରାଯିବା ପାଇଁ ଗୁରୁତ୍ୱାରୋପ କରାଯାଇଛି । ଏହି ସମୀକ୍ଷା ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରମୁଖ ସଚିବ ଶାଳନୀ ପଣ୍ଡିତ, ଆଇଏଲ୍‌ଏସ୍ ଓ ଆରଏମ୍‌ଆରସିର ପ୍ରତିନିଧି ଏବଂ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

ଦିଲ୍ଲୀ ଏମସିଡିର ପାଇଁ ମେୟର....

ମେୟର, ଡେପୁଟି ମେୟର ଓ ସଦନର ମୋଟ ୬ ସ୍ଥାୟୀ ସଦସ୍ୟ ନିର୍ବାଚନ ପାଇଁ ଜାନୁଆରୀ ୬ ତାରିଖକୁ ସ୍ଥିର କରାଯାଇଛି । ଉପ ରାଜ୍ୟପାଳ ବିକେ ସକସେନା ଏମସିଡିର ପ୍ରଥମ ବୈଠକରେ ଏହି ତାରିଖ ଘୋଷଣା କରିଥିଲେ । ସେପଟେ ଦିଲ୍ଲୀ ଏମସିଡିର ୨୫୦ ଆସନ ପାଇଁ ହୋଇଥିବା ନିର୍ବାଚନରେ ଆମ୍ ଆଦମୀ ପାର୍ଟି ୧୩୪ଟି ଆସନ ଜିତି ସଂଖ୍ୟାଗରିଷ୍ଠତା ହାସଲ କରିଛି । ସେପଟେ ବିଜେପି ୧୦୪ ଟି ଆସନରେ ବିଜୟୀ ହୋଇଥିଲା । ଅନ୍ୟପଟେ ମେୟର ନିର୍ବାଚନରେ ଏମସିଡିର ୨୫୦ ପାରିଷଦଙ୍କ ସହ ୧୦ ଜଣ ସାଂସଦ (୩ ଜଣ ରାଜ୍ୟସଭା ସାଂସଦ ଓ ୭ ଜଣ ଲୋକସଭା ସାଂସଦ) ଓ ୧୩ ଜଣ ବିଧାୟକ ମତଦାନ କରିବେ । ଅର୍ଥାତ ମେୟର ନିର୍ବାଚନରେ ମୋଟ ୨୭୩ ଜଣ ମତଦାନ କରିବେ ।

କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜି. କିଷାନ ରେଡ୍ଡୀଙ୍କୁ ଚିଠି ଲେଖିଲେ କେନ୍ଦ୍ରମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୩/୧୨ (ନି.ପ୍ର): ଅପାର ସମ୍ଭାବନାର ଅଂଚଳ କୋରାପୁଟ ଜିଲ୍ଲାରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ଏକ ସ୍ୱତନ୍ତ୍ର ପ୍ୟାକେଜ୍ ମଞ୍ଜୁର କରିବା ପାଇଁ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜି. କିଷାନ ରେଡ୍ଡୀଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ କୋଭିଡ୍ ମହାମାରୀ ସମୟରେ ଦେଶବ୍ୟାପୀ ଲକଡାଉନ କାରଣରୁ ପର୍ଯ୍ୟଟନ କ୍ଷେତ୍ର ବିଶେଷ ଭାବରେ ପ୍ରଭାବିତ ହୋଇଥିଲା । ବର୍ତମାନ ସ୍ୱଭାବିକ ସ୍ଥିତିରେ ଏହି କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି କରାଇବା ଜରୁରୀ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିରେ "ଦେଖୋ ଅପନା ଦେଶ" ଅନ୍ତର୍ଗତ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରଣାଳୟ ଦେଶ ଏବଂ ବିଦେଶରୁ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିବା ପାଇଁ ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ନେଉଛି । କୋରାପୁଟ ଜିଲ୍ଲାରେ ପର୍ଯ୍ୟଟନ କ୍ଷେତ୍ରରେ ଅନେକ ସମ୍ଭାବନା ରହିଛି । ଜିଲ୍ଲାକୁ ଉତମ ରେଳ ସଂଯୋଗ ସହ କୋରାପୁଟ – ରାୟଗଡା ରେଳପଥରେ ଭିଷ୍ଟାଡୋମ କୋଚ୍ ଭଳି ଅତ୍ୟାଧୁନିକ ସୁବିଧା ରହିଛି । କୋରାପୁଟକୁ ଲାଗିଥିବା ଆନ୍ଧ୍ର ପ୍ରଦେଶର ଆରାକୁ ଉପତ୍ୟାକାକୁ ବିକଶିତ କରାଯାଇଥିବା ବେଳେ ଭାଇଜାଗ ଏବଂ ଆଖପାଖ ଅଞ୍ଚଳର ଲକ୍ଷ ଲକ୍ଷ ପର୍ଯ୍ୟଟକମାନେ ସେଠାକୁ ବୁଲିବା ପାଇଁ ଯାଉଛନ୍ତି । ସେହିଭଳି ଭାବେ କୋରାପୁଟରେ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ଭଳି ଜୟପୁରରେ ଐତିହାସିକ ସ୍ଥାନ ସହ ଶ୍ରୀଜଗନ୍ନାଥ ମନ୍ଦିର, ଡୁମଡୁମା ଜଳପ୍ରପାତ, କୋଲାବ ଡ୍ୟାମରେ ବୋଟିଂ,

ଶନିବାର, ଡିସେମ୍ବର ୨୪, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ଜିଲ୍ଲା ସ୍ତରୀୟ ୩୯ତମ ଶିଶୁ ଉତ୍ସବ ପାଳିତ

ଭଦ୍ରକ, ୨୩/୧୨ (ନି.ପ୍ର): ଭଦ୍ରକ ଓଷ୍ଟା ପକ୍ଷରୁ ଜିଲ୍ଲା ସ୍ତରୀୟ ୩୯ତମ ବାର୍ଷିକ ଶିଶୁ ମେଳା ଭଦ୍ରକରେ ଥିବା ସହକାରୀ ଉଚ୍ଚ ବିଦ୍ୟାଳୟ (ବାଳିକା ବିଦ୍ୟାଳୟ) ପରିସରରେ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଓଷ୍ଟା ସଂଗଠନର ସଭାପତି ଶ୍ରୀଯୁକ୍ତ ରମାକାନ୍ତ ପରିଡ଼ାଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଉଦ୍‌ଘାଟନୀ ଉତ୍ସବରେ ଭଦ୍ରକ ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଶ୍ରୀଯଚକ୍ର ସଂଜୀବଲ୍ଲିକ ୩୯ ତମ ଶିଶୁ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଶିଶୁ ହସିଲେ ଦୁନିଆ ହସେ । ଶିଶୁ ମାନଙ୍କ ମଧ୍ୟରେ ଥିବା ସୁପ୍ତ ପ୍ରତିଭାକୁ ଲୋକ ଲୋଚନକୁ ଆଣି ସମାଜରେ ପ୍ରତିଷ୍ଠିତ କରିଥିବାରୁ, ଏବଂ ୭୯ ମସିହାରୁ ଆଜିପର୍ଯ୍ୟନ୍ତ ଓଷ୍ଟାର ଏ ମହତ୍ କାର୍ଯ୍ୟକୁ ପ୍ରସଂଶା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଷ୍ଟାର ସାଧାରଣ ସଂପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି ମୁଖ୍ୟବକ୍ତା, ବିଶିଷ୍ଟ ଅତିଥି ଶ୍ରୀମତୀ ଉର୍କୀଳା ନାୟକ, ଧକ୍ଷା, ପଞ୍ଚାୟତ ସମିତି, ଭଦ୍ରକ, ସମ୍ମାନୀତ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀଯୁକ୍ତ ଦିପକ୍ ପାଢ଼ୀ, ପ୍ରାକ୍ତନ ଯୁଗ୍ମ ସାଧାରଣ ସମ୍ପାଦକ ଅକ୍ଷୟ ମିଶ୍ର, ଶିକ୍ଷା ପ୍ରଦୀପର ସଂପାଦକ ଶ୍ରୀଯୁକ୍ତ ଶଙ୍କର କୁମାର ସୁବୁଦ୍ଧି, ରାଜ୍ୟ ସଂପାଦିକା ସୁରଜିତା ନାୟକ, ରାଜ୍ୟ କାର୍ଯ୍ୟକାରୀ ସଭ୍ୟ ଅକ୍ଷୟ ହୋତା, ରାଜ୍ୟର ସହ ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ଦାଶ, କାଉନ୍‌ସିଲର ପ୍ରତିନିଧି ପଙ୍କଜ ବଳ, ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ ସାହୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଜିଲ୍ଲା ସମ୍ପାଦକ ଶ୍ରୀଯୁକ୍ତ ପ୍ରଦୀପ୍ ଦାସ ଉଦ୍ଦଶ୍ୟ ଜ୍ଞାପନ କରିଥିଲେ, ଧାମନଗର ସମ୍ପାଦକ ହେମନ୍ତ କୁମାର ସୂତାର ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । କମଳାକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀଯୁକ୍ତ ଚକ୍ରଧର ମଲ୍ଲିକ, ନିଖିଳ ଉତ୍କଳ ପ୍ରାଥମିକ ଫେଡ଼େରେସନ୍ ମହାସଚିବ ଚାରୁଲତା ମହାପାତ୍ର ଜିଲ୍ଲା ସ୍ତରୀୟ ନେତୃତ୍ୱ ଦେବବ୍ରତ ତ୍ରୀପାଠୀ, ସୁବଳ ପତ୍ରୀ, ପର୍ଶୁରାମ ପାତ୍ର, ମନୋରଂଜନ ପଣ୍ଡା, ମମତା ସାହୁ, ପିଙ୍କି ପ୍ରିୟଦର୍ଶିନୀ ମିଶ୍ର, ଅତଳ ମିଶ୍ର, ଅରୁଣ ଶତପଥୀ, ବସନ୍ତ ବିଶ୍ୱାଳ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଶଶୀ ଶେଖର କରଶର୍ମା ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ଜିଲ୍ଲାରେ ୭ଟି ବ୍ଲକରୁ ୭୦ରୁ ଅଧିକ ସ୍କୁଲର ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ ।

ବଡ଼ଦିନ ପାଇଁ କ୍ୟାଥୋଲିକ ଚର୍ଚ୍ଚରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ବାଲେଶ୍ୱର, ୨୩/୧୨ (ନି.ପ୍ର): ମହାପୁରୁଷ ଯୀଶୁଖ୍ରୀଷ୍ଟଙ୍କ ଜନ୍ମଦିନ ପବିତ୍ର ବଡ଼ଦିନ ପାଇଁ ସମଗ୍ର ବିଶ୍ୱରେ ଉତ୍ସବର ମାହଲ ଆରମ୍ଭ ହୋଇଥିବା ବେଳେ ବାଲେଶ୍ୱର ସହରର ପାଣିଟାଙ୍କି ଛକସ୍ଥିତ କ୍ୟାଥୋଲିକ ଚର୍ଚ୍ଚରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ସାଂଧ୍ୟ କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ବାଲେଶ୍ୱର ପୌରାଧକ୍ଷା ସବିତା ସାହୁ, ବାଲେଶ୍ୱର ରୋମାନ କାଥୋଲିକ ଡାଇଓସିସର ପ୍ରଶାସକ ଫାଦର ଆଇଜାକ ଓ ସମ୍ପାଦକ ଫାଦର ଜଜ ଏବଂ କ୍ୟାଥୋଲିକ ଚର୍ଚ୍ଚର ମୁଖ୍ୟ ପୁରୋହିତ ଫାଦର ସାଜି ଏଥିରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତଙ୍କୁ ଶ୍ରୀଷ୍ଟମାସ ଶୁଭେଚ୍ଛା ଜଣାଇଥିଲେ । ଏହି ଅବସରରେ ଅତିଥିମାନେ ବଡ଼ଦିନ କେକ କାଟି ସମସ୍ତଙ୍କୁ ଶାନ୍ତି, ମୈତ୍ରୀ ଓ ପ୍ରେମର ସଦିଚ୍ଛା ଦେଇଥିଲେ । ବିଶ୍ୱକଲ୍ୟାଣ ପାଇଁ ଦୁଇହଜାର ବର୍ଷ ପୂର୍ବରୁ ମହାପୁରୁଷ ଯୀଶୁଖ୍ରୀଷ୍ଟ ଜନ୍ମ ହୋଇ ସମଗ୍ର ବିଶ୍ୱକୁ ଦୟା ପ୍ରେମ ଓ ଶାନ୍ତିର ବାର୍ତ୍ତା ଦେଇଥିଲେ । ତେବେ ଏହି ବଡ଼ଦିନ ବାଲେଶ୍ୱରବାସୀଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରିବା ସହ ସମସ୍ତଙ୍କୁ ଆନନ୍ଦ ଦେଉ ବୋଲି ଅତିଥିମାନେ କାମନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ଖ୍ରୀଷ୍ଟିୟାନ ଭାଉ-ଭଉଣୀ ଉପସ୍ଥିତ ରହି ଫାଦରଙ୍କ ବାଣୀକୁ ଶୁଣିବା ସହ ବାଇବେଲ ପାଠ ଏବଂ କାରୋଲ ସଂଗୀତ ଗାନ କରିଥିଲେ । ସିଲୁ ସାହାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସୁଦୀପ୍ତ ପିଟର ବାଇବେଲ ପାଠ କରିଥିଲେ । ସୁନୀତା ସାହା ଓ ରୂପା ବାଟିଲ ବଡ଼ଦିନ ସଙ୍ଗୀତ ଗାନ କରିଥିବା ବେଳେ ସଞ୍ଜୟ ସାହା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ କ୍ୟାଥୋଲିକ ଚର୍ଚ୍ଚ ପରିସରରୁ ଖ୍ରୀଷ୍ଟଧର୍ମୀ ଯୁବକ ଯୁବତୀଙ୍କୁ ନେଇ ଏକ ଶାନ୍ତି-ମୈତ୍ରୀର ଶୋଭାଯାତ୍ରା ବାହାରି ସହର ପରିକ୍ରମା ସହ ସହରବାସୀଙ୍କୁ ପବିତ୍ର ଖ୍ରୀଷ୍ଟମାସର ଶୁଭେଚ୍ଛା ପ୍ରଦାନ କରାଯାଇଥିଲା । ଅତିଥିମାନେ ଆନୁଷ୍ଠାନିକ ଭାବେ ଏହି ଶୋଭାଯାତ୍ରାକୁ ଉଦଘାଟନ କରିଥିଲେ । ଅନ୍ୟପକ୍ଷରେ ୨୪ ତାରିଖ ମଧ୍ୟରାତ୍ରୀରେ ବାଲେଶ୍ୱର କ୍ୟାଥୋଲିକ ଚର୍ଚ୍ଚରେ ବିଶେଷ ଉତ୍ସବ ସାଙ୍ଗକୁ ପ୍ରାର୍ଥନା ବିଧି ସମ୍ପାଦନ ହେବ ବୋଲି ସୂଚନା ଦିଆଯାଇଛି ।

ବିଧାୟକଙ୍କ ଦରମା ବୃଦ୍ଧି ପ୍ରସ୍ତାବକୁ ସିପିଏମ୍ ବିଧାୟକଙ୍କ ବିରୋଧ

ଭୁବନେଶ୍ୱର, ୨୩/୧୨ (ନି.ପ୍ର): ବିଧାୟକମାନଙ୍କ ଭତା, ବେତନ ଭତା ଓ ପେନସନ୍ ବୃଦ୍ଧି ପ୍ରସ୍ତାବକୁ ବିରୋଧ କରିଛନ୍ତି ବଣେଇର ସିପିଆଇଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡା । ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସେ କହିଛନ୍ତି ବିଧାୟକମାନଙ୍କ ବେତନ ଓ ଭତା ବୃଦ୍ଧି ସମ୍ପର୍କରେ ଓଡିଶା ରାଜ୍ୟ ବିଧାନସଭାର ଗୃହ କମିଟି ବିଧାୟକମାନଙ୍କର ଭତା, ଦରମା ଆଦି ବୃଦ୍ଧି ନିମନ୍ତେ ପ୍ରସ୍ତାବ ଗ୍ରହଣ କରି ସୁପାରିଶ କରିଛି ବୋଲି ସମ୍ବାଦ ପତ୍ରରେ ଯାହା ପ୍ରକାଶ ପାଇଛି ତାହା ମୋ ଦୃଷ୍ଟିକୁ ଆସିଛି । ଏହି ବୈଠକରେ ଯେଉଁ ଉପସ୍ଥାନ ଗ୍ରହଣ କରାଯାଇଥିଲା, ସେଥିରେ ମୁଁ ସ୍ୱାକ୍ଷର କରିଛି । ମାତ୍ର ବୈଠକରେ ଉପସ୍ଥାପିତ ଚୂଡାନ୍ତ ପ୍ରସ୍ତାବ ଦେଖିନାହିଁ କି ସେଥିରେ ସ୍ୱାକ୍ଷର କରିନାହିଁ । ମୁଁ ପ୍ରତିନିଧିତ୍ୱ କରୁଥିବା ରାଜନୈତିକ ଦଳ ସି.ପି.ଆଇ.(ଏମ୍) ବିଧାୟକମାନଙ୍କ ବେତନ, ଭତା ଓ ପେନସନ୍ ରାଶି ବୃଦ୍ଧିକୁ ସର୍ବଦା ବିରୋଧ କରିଥାଏ । ମୁଁ ନିତିଗତ ଦୃଷ୍ଟିରୁ ଓ ମୋ ନିଜର ବିବେକ ଦୃଷ୍ଟିରୁ ବିଧାୟକମାନଙ୍କ ଭତା, ବେତନ ଭତା ଓ ପେନସନ୍ ବୃଦ୍ଧି ପ୍ରସ୍ତାବକୁ ବିରୋଧ କରୁଛି ।

ଜନସଂଖ୍ୟାର ବୃଦ୍ଧି ଓ ଅର୍ଥ ନୈତିକ ବିକାଶ

ଉଦଳା, ୨୩/୧୨ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ତରଫରୁ ଚଳିତ ଡ଼ିସେମ୍ବର ୨୧ ତାରିଖ ବୁଧବାର ଦିନ 'ଜନସଂଖ୍ୟାର ବୃଦ୍ଧି ଓ ଅର୍ଥନୈତିକ ବିକାଶ' ଶିର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଶଶିଭୂଷଣ ପାଣିଗ୍ରାହୀ ଆଲୋଚନା ଚକ୍ରରେ ସଭାପତିତ୍ୱ କରି କାର୍ଯ୍ୟକ୍ରମ ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ନୁଦଡ଼ିହାସ୍ଥିତ ମେଘାସନ ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ମୁଖ୍ୟ ଡ଼କ୍ଟର ନିରଞ୍ଜନ ପାଠୀ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ମାତ୍ରାଧିକ ଜନବିସ୍ଫୋରଣ ଦେଶର ଅର୍ଥନୀତିକୁ ଦୋହଲାଇଦେଇଥାଏ ବୋଲି ବ୍ୟକ୍ତ କରିଥିଲେ । ବିଭାଗୀୟ ମୁଖ୍ୟ ଅଧାପିକା ପ୍ରଣତି ରାଜ ଦେଶରେ ଥିବା ଜଙ୍ଗଲ ସଂପଦ, ଖଣିଜ ସଂପଦ, ପଶୁ ସଂପଦ ଇତ୍ୟାଦି ମଧ୍ୟରେ ଜନସଂପଦ ସବୁଠାରୁ ଅଧିକ ମୁଲ୍ୟବାନ ସଂପଦ ଅଟେ । ମାତ୍ର ମାତ୍ରାଧିକ ଜନବିସ୍ଫୋରଣ ଦେଶର ଅର୍ଥନୀତି ବିକାଶରେ ପ୍ରତିବନ୍ଧକ ସାଜିଥାଏ । ଅଧାପିକା ସାଗରିକା ଷଣ୍ଡ ଆମ ଦେଶରେ ଜନସଂଖ୍ୟା ନିୟନ୍ତ୍ରଣ ବର୍ତ୍ତମାନ ବହୁ ଜରୁରୀ ହୋଇ ପଡ଼ିଛି, ନହେଲେ ଆମ ଦେଶ ଉନ୍ନତଶିଳରୁ ଉନ୍ନତ ଦେଶରେ ପରିଣତ ହୋଇପାରିବ ନାହିଁ ବୋଲି ଜଣାଇଥିଲେ । ଏହାପରେ ଛାତ୍ରୀ ଲକ୍ଷ୍ମୀପ୍ରିୟା ଓ ଜସ୍ମିତା ନିଜ ନିଜର ସନ୍ଦର୍ଭ ପାଠ କରିଥିଲେ । ପ୍ରାରମ୍ଭରେ ଅଧାପିକା ମଞ୍ଜୁଳା କଲିଆ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧାପିକା ସୁଧାରାଣୀ ବେହେରା କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ ।

ମାଣିଖମ୍ବ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ

ବାଲେଶ୍ୱର, ୨୩/୧୨ (ନି.ପ୍ର): ମାଣିଖମ୍ବ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ସଭାପତି ଶିବାନୀ ଶଙ୍କର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଅତିରିକ୍ତ ଶିକ୍ଷାଧିକାରୀ ଧରଣୀଧର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ଓଡ଼ିଶା ଶିକ୍ଷା ବିକାଶ ସମିତି ପୂର୍ବୋତ୍ତର ସମ୍ଭାଗ ସଭାପତି ଡ. ନରୋତ୍ତମ ପରିଡ଼ା ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶିକ୍ଷାଦାନ ଧାରା ସମ୍ପର୍କରେ ଆଲୋଚନା କରିଥିଲେ । ବିଦ୍ୟାଳୟ ସମ୍ପାଦକ ଦେବେନ୍ଦ୍ର କୁମାର ରାଉତ ଏଥିରେ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଶିକ୍ଷକ ପୁରଜିତ ମୁନି ବିବରଣୀ ପାଠ କରିଥିଲେ । ଏହି ଅବସରରେ ଅତିଥିଙ୍କ ଦ୍ୱାରା ମୁଖପତ୍ର ଉନ୍ମୋଚିତ ହୋଇଥିଲା । ଏଥି ସହିତ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ବିଦ୍ୟାଳୟ ଉପ-ସଭାପତି ଯୋଗେନ ଚନ୍ଦ୍ର ରଣା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପରିଚାଳନା ସମିତି ସଭ୍ୟା ସୌନ୍ଦର୍ଯ୍ୟଲକ୍ଷ୍ମୀ ମହାନ୍ତି, ବନିତା ସାହୁ, ସଭ୍ୟ ଅନିରୁଦ୍ଧ ବେହେରା, ହରିଶ୍ଚନ୍ଦ୍ର ରଣା, ସନାତନ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ସଚିବଙ୍କ ଭଦ୍ରକ ଜିଲ୍ଲା ଗସ୍ତ

ଭଦ୍ରକ, ୨୩/୧୨ (ନି.ପ୍ର): ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀଯୁକ୍ତ ଭାସ୍କର ଜ୍ୟୋତି ଶର୍ମା ଆଜି ଭଦ୍ରକ ଜିଲ୍ଲା ଗସ୍ତରେ ଆସି କ୍ଷେତ୍ର ପରିଦର୍ଶନ ସହ ବିଭାଗୀୟ ସମୀକ୍ଷା କରିଥିଲେ । ଧାମନଗର ଠାରେ ନିର୍ମାଣଧୀନ ସମନ୍ୱିତ ଭିତ୍ତିଭୂମି ପ୍ରକଳ୍ପ ପରିଦର୍ଶନ କରିବା ସହିତ ଆରଡ଼ି ନିକଟସ୍ଥ କୁଳେଇପଦା ଠାରେ ନିର୍ମାଣଧୀନ ସାଇନସ୍ ପାର୍କ ଏବଂ ପ୍ଲାନେଟୋରିଅମ ପରିଦର୍ଶନ କରିଥିଲେ । ଜିଲ୍ଲାପାଳ କାର୍ଯ୍ୟାଳୟର ସଦଭାବନା ସଭାଗୃହରେ ଜିଲ୍ଲାର ସଂପୃକ୍ତ ବିଭାଗୀୟ କାର୍ଯ୍ୟାବଳୀର ସମୀକ୍ଷା କରିଥିଲେ । ମଧୁବାବୁ ପେନସନ୍ ଯୋଜନା, ଇନ୍ଦିରା ଗାନ୍ଧୀ ଜାତୀୟ ପେନସନ୍ ଯୋଜନା, ଜାତୀୟ ପରିବାର ମଙ୍ଗଳ ଯୋଜନା , ବାଣିଶ୍ରୀ ବୃତ୍ତି, ସ୍ୱୀକୃତି ଯୋଜନା, ଇଉ.ଡ଼ି.ଆଡ଼ି ଇତ୍ୟାଦି ଯୋଜନା ବାବଦରେ ସମୀକ୍ଷା କରିଥିଲେ । ଜିଲ୍ଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ, ଉପଜିଲ୍ଲାପାଳ ମନୋଜ ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସନ୍ତୋଷ କୁମାର ପାତ୍ର, ଜିଲ୍ଲା ସାଜିକ ସୁରକ୍ଷା ଅଧିକାରୀ ପବିତ୍ର କୁମାର ଦାସ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ ଓ ବିଭାଗର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

କବିଚନ୍ଦ୍ର କାଳୀଚରଣଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳୀ ଜଣାଇଲେ କେନ୍ଦ୍ର ମନ୍ତ୍ରୀ

ଭୁବନେଶ୍ୱର, ୨୩/୧୨ (ନି.ପ୍ର): କବିଚନ୍ଦ୍ର କାଳୀଚରଣଙ୍କ ଜୟନ୍ତୀ ଅବସରରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କୁ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ଓଡ଼ିଶାର ପ୍ରଖ୍ୟାତ କବି, ନାଟ୍ୟକାର ତଥା ଗୀତିକାର 'କବିଚନ୍ଦ୍ର' କାଳୀଚରଣ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ।

କୁଡୁମିଜାତିକୁ ଆଦିବାସୀ ବର୍ଗରେ ପୁନଃ ସାମିଲ ଦାବି

ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନକଲା କୁଡୁମୀ ସେନା ମହିଳା ମୋର୍ଚ୍ଚା



ବାରିପଦା, ୨୩/୧୨ (ନି.ପ୍ର): ୧୯୫୦ ମସିହା ପର୍ଯ୍ୟନ୍ତ କୁଡୁମି (ମହାନ୍ତ) ଜାତି ଅନୁସୂଚିତ ଜନଜାତି ବର୍ଗ ଭାବେ ମାନ୍ୟତା ପାଇ ଆସୁଥିବା ବେଳେ କୌଣସି କାରଣ ନଦର୍ଶାଇ ୧୯୫୦ ସେପଟ୍‌ମ୍ବର ମାସ ୬ ତାରିଖ ଦିନ ଉକ୍ତ ମାନ୍ୟତା ପ୍ରତ୍ୟାହାର କରି ନିଆଯିବା ଫଳରେ କୁଡୁମୀ ଲୋକମାନେ ସାମାଜିକ, ଅର୍ଥନୈତିକ ତଥା ସାଂସ୍କୃତିକ କ୍ଷେତ୍ରରେ ଯଥେଷ୍ଟ ପଛରେ ରହିଯାଇଛନ୍ତି । କୁଡୁମି ଜାତି କୁ ପୁନର୍ବାର ଆଦିବାସୀ ବର୍ଗରେ ସାମିଲ କରିବା ପାଇଁ ଜୈମୁନି କୁମାର ମହାନ୍ତ ଙ୍କ ନେତୃତ୍ୱ ରେ କୁଡୁମି ସେନା ଦୀର୍ଘ ବର୍ଷ ଧରି ଆନ୍ଦୋଳନ ଜାରିରଖୁଛି । ସେହି କ୍ରମରେ ପଡୋଶୀ ଝାଡ଼ଖଣ୍ଡ, ବିହାର, ଏବଂ ପଶ୍ଚିମବଙ୍ଗର ଆନ୍ଦୋଳନ କାରୀମାନେ ମିଳିତ ଭାବେ ନିକଟରେ ପାର୍ଲାମେଂଟ ଘେରାଓ ଆନ୍ଦୋଳନ ରେ ସାମିଲ ହୋଇ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଅବସରରେ କୁଡୁମି ମହିଳା ସେନାର ସଭାନେତ୍ରୀ ସୁଜାତା ମହାନ୍ତଙ୍କ ନେତୃତ୍ୱରେ ପ୍ରେମଲତା ମହାନ୍ତ, ସୁକୁମାରୀ ମହାନ୍ତ, ଶାନ୍ତିଲତା ମହାନ୍ତ ଓ ପାର୍ବତୀ ମହାନ୍ତ ପ୍ରମୁଖ ଏକ ପ୍ରତିନିଧି ମଣ୍ଡଳୀ ରାଷ୍ଟ୍ରପତି ଭବନ ଠାରେ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରି କୁଡୁମି ସେନା ପକ୍ଷରୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି । ଏହି ସାକ୍ଷାତ ଆସନ୍ତା ଦିନ ମାନଙ୍କରେ କୁଡୁମିଜାତିକୁ ତାର ହକ ପ୍ରଦାନ କରିବାରେ ଏକ ନୂତନ ମୋଡ଼ ଦେବ ବୋଲି ଶ୍ରୀ ଜୈମୁନି କୁମାର ମହାନ୍ତ ଆଶାବ୍ୟକ୍ତ କରିଛନ୍ତି ।

କୋରାପୁଟର ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଆଦିବାସୀ ଓ ପରିବେଶ ଚିତ୍ର କର୍ମଶାଳାରେ ବାଲେଶ୍ୱରର ଚିତ୍ରଶିଳ୍ପୀ

ଭୁବନେଶ୍ୱର, ୨୩/୧୨ (ନି.ପ୍ର): କୋରାପୁଟ ସ୍ଥିତ ଓଡ଼ିଶା କେନ୍ଦ୍ରିୟ ବିଶ୍ୱବିଦ୍ୟାଳୟ ପରିସରରେ ଓଡ଼ିଶା ପରିବେଶ କଂଗ୍ରେସ ତରଫରୁ ୧୩ତମ ପରିବେଶ କଂଗ୍ରେସ ୨୦୨୨ ଗତ ୨୧ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ଆୟୋଜିତ ତିନିଦିନିଆ ଆଦିବାସୀ ଓ ପରିବେଶ ଶୀର୍ଷକ ସମ୍ମେଳନରେ ଏକ ଆକର୍ଷଣୀୟ ଚିତ୍ର କର୍ମଶାଳା ଓ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି । କୋରାପୁଟର ବିଶିଷ୍ଟ ଓ ଯୁବ ଚିତ୍ରକଳା ସହ ରାଜ୍ୟର ଚିତ୍ରକର ମାନଙ୍କୁ ନେଇ ଆୟୋଜିତ ଏହି କର୍ମଶାଳାରେ ଆଦିବାସୀ ଓ ପରିବେଶକୁ ନେଇ ଅଙ୍କିତ କଳାକୃତି ଆୟୋଜକ ସୁଦର୍ଶନ ଦାସ, ଭୃଗୁବକ୍ସୀ ପାତ୍ର , ବିଶ୍ୱବିଦ୍ୟାଳୟର ଡିନ୍ ପ୍ରଫେସର ଏସ୍ କେ କୁମାର ପାଲିତ ସହ ସମସ୍ତ ନିମନ୍ତ୍ରିତ ଅତିଥି, ପରିବେଶବିତ, ସଂଗଠକ ଛାତ୍ରଛାତ୍ରୀମାନଙ୍କୁ ଆକୃଷ୍ଟ କରିଥିଲା । ଓଡ଼ିଶାର ବିଶିଷ୍ଟ ଶିଳ୍ପୀ କେଶୁଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ କର୍ମଶାଳାରେ ପରିବେଶର ବାର୍ତ୍ତା ବହନ କରୁଥିବା ଆଦିବାସୀ କଳା ସଂସ୍କୃତି, ପ୍ରଥା ପରମ୍ପରା, ଭାବ ଆବେଗକୁ ନେଇ ସୁନ୍ଦର ସୁନ୍ଦର ଚିତ୍ର ଆଙ୍କିଥିଲେ । ବାଲେଶ୍ୱରର ଶିଳ୍ପୀ ଦାସ ସହ ଅରୁଣ ବାରିକ, ଦେବାଶିଷ ପତି ଓ ଅଙ୍କିତ ଦାସ ଯୋଗଦେଇ ପରିବେଶ ଭିତ୍ତିକ ଆଦିବାସୀ ଚିତ୍ର ଆଙ୍କି ଅନ୍ୟମାନ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ସୁନାବେଡାର ବିଶିଷ୍ଟ ଚିତ୍ରକର ଅମଲେନ୍ଦୁ ଜାନା, କୋରାପୁଟର ଯୁବ ଚିତ୍ରକର କେଶବ ଖାରା, ଗୁରୁ ଶିଷା, ରବିନ୍ଦ୍ର ବର୍ଗମ୍, ଧନେଶ୍ୱର ଗୁଞ୍ଜିଆ, ନିବେଦିତା ମହାରଣା, ସାଇସ୍ୱେତା ବେହେରା ପ୍ରମୁଖ ଯୋଗ ଦେଇ ଚିତ୍ରମାନ ଆଙ୍କିଥିଲେ ।